ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

୫-୧

# ସଂପର୍କବାର୍ତ୍ତା


SAMPARK BARTA

ODIA WEEKLY

www.samparkabarta.in



ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ





| Vol.5 | Issue- 20 | October 25 to 31, 2021, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୨୦ | ଅକ୍ଟୋବର ୨୫ ରୁ ୩୧, ୨୦୨୧, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |



# ମନ୍ତ୍ରୀ ନିଷ୍କଳଙ୍କ, ବିରୋଧୀଙ୍କ ଅଭଦ୍ରାମି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବଲାଙ୍ଗୀର ଜିଲ୍ଲା ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍‌ରେ ନାବାଳିକା ଛାତ୍ରୀଙ୍କୁ ଯୌନନିର୍ଯାତନା, ଅଧ୍ୟକ୍ଷାଙ୍କୁ ହତ୍ୟା ଓ ମନ୍ତ୍ରୀଙ୍କ ସଂପୃକ୍ତି ଅଭିଯୋଗ କରି ବିରୋଧୀଙ୍କ ଆନ୍ଦୋଳନ ଅଭଦ୍ରାମୀର ପରିଚୟ ବୋଲି ସମଗ୍ର ରାଜ୍ୟରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟାଶଙ୍କର ମିଶ୍ର ଜଣେ ନିଷ୍କଳଙ୍କ ବ୍ୟକ୍ତି ବୋଲି କୁହାଯାଉଛି। **'ସଜ ମାଛରେ ପୋକ'** ପକାଇଲା ଭଳି ବିରୋଧୀ ଗୋଟିଏ ପରେ ଗୋଟିଏ ମନ୍ତ୍ରୀଙ୍କୁ ଟାଣି ଆନ୍ଦୋଳନ କରିବା ଅଭ୍ୟାସଗତ ହୋଇଗଲାଣି ବୋଲି ଅଭିଯୋଗ କରୁଛନ୍ତି। ଅତୀତରେ 'ପରି' ହତ୍ୟାକାଣ୍ଡରେ ଯେଭଳି ଭାବରେ ଜନୈକ ମନ୍ତ୍ରୀଙ୍କୁ ଟଣାଯାଇ କିଛି ଦିନ ଧରି ଆନ୍ଦୋଳନ ଓ ରାଜଧାନୀର ରାଜରାସ୍ତାରେ ବିରୋଧୀଙ୍କ ହଙ୍ଗାମା ଶେଷରେ ବିଫଳ ହୋଇଥିବାରୁ ବିରୋଧୀଙ୍କ ମୁହଁକୁ ଲଜ୍ଜାସରମ କାଟୁ କରୁନଥିବା କୁହାଯାଉଛି। ଅତୀତରେ ଋଷି ହତ୍ୟାକାଣ୍ଡ ଘଟଣାରେ ଭୁବନେଶ୍ୱର ମେୟରଙ୍କୁ ଟାଣିଓଟାରି ଆନ୍ଦୋଳନ କରିବା ଶେଷରେ ବିଫଳ ହୋଇଥିଲେ ମଧ୍ୟ ବିରୋଧୀଙ୍କୁ ସେଥିରେ ମଧ୍ୟ ଲଜ୍ଜା ସରମ କାଟୁ କରୁନଥିବା କୁହାଯାଉଛି। ଏବେ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍‌ର





ଅଧ୍ୟକ୍ଷାଙ୍କୁ ହତ୍ୟା କରାଯିବା ଏବଂ ଯୌନକେଲେଙ୍କାରି ଘଟଣାରେ ମନ୍ତ୍ରୀଙ୍କ ସଂପୃକ୍ତି ଅଭିଯୋଗ କରିବା ବିରୋଧୀଙ୍କ ଅଭଦ୍ରାମୀ ଚରମ ସୀମାରେ ପହଞ୍ଚିଥିବା ସାଧାରଣରେ ଅଭିଯୋଗ କରାଯାଉଛି। ୨୨ ବର୍ଷ ଧରି ବିଜେଡି ସରକାର କ୍ଷମତାରେ ରହିବାକୁ ଅସହ୍ୟ ହୋଇପଡିଲେଣି ବିରୋଧୀ ବୋଲି ଅଭିଯୋଗ ହେଉଛି। ଋଷି ହତ୍ୟା କାଣ୍ଡରେ ମେୟରଙ୍କୁ ଜବରଦସ୍ତ ଯୌନକେଲେଙ୍କାରୀ ଭିଡିଓ ତିଆରି କରି ଯେଉଁପରି ଭାବରେ ଆନ୍ଦୋଳନ କରାଗଲା ଏବେ ରାଜ୍ୟରେ କଂଗ୍ରେସର ସଂଗଠନ ଲୋପ ପାଇବାକୁ ବସିଲାଣି। ଏବେ 'ପରୀ' ଓ ଅଧ୍ୟକ୍ଷା ମମିତା ମେହେରଙ୍କୁ ହତ୍ୟାକାଣ୍ଡର ଅଭିଯୋଗ କରି ଯେଉଁ ସବୁ ବିରୋଧୀ ଦଳ ଆନ୍ଦୋଳନ କରୁଛି ଆଗାମୀ ଦିନରେ ବୋଧେ ରାଜ୍ୟ ରାଜନୀତିରେ ବିରୋଧୀଙ୍କ ସ୍ଥାନ ଶୂନ ଅଙ୍କରେ ପହଞ୍ଚିବା ଆଶଙ୍କା କରାଯାଉଥିବା ଚର୍ଚ୍ଚାରେ ଆଲୋଚନା ହେଉଛି। ସୂଚନା ଥାଉକି ମହାଲୀଙ୍ଗ ମହାଲୀଙ୍ଗ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍ ଶିକ୍ଷୟିତ୍ରୀଙ୍କୁ ହତ୍ୟା କରାଯାଇଥିଲା। କଲେଜ୍ ସଭାପତି ଗୋବିନ୍ଦ ସାହୁ ତାଙ୍କ କାର୍ ଭିତରେ ତାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛି। ନିଜର ପରକୀୟା ପ୍ରୀତି ପ୍ରଘଟ ହୋଇଯିବା ଆଶଙ୍କା କରି ଅଧ୍ୟକ୍ଷାଙ୍କୁ ଗୋବିନ୍ଦ ହତ୍ୟା କରି ପୋଡିଦେଇଥିବା ସ୍ୱୀକାର ମଧ୍ୟ କରିଛି। ଏବେ ଏହି ଘଟଣା ଉପରୁ ପରଦା ଘଟିବା ପରେ ପୋଲିସ୍ ଗୋବିନ୍ଦଙ୍କୁ ଗିରଫ କରି ଜିମାରେ ଆଣି ପଚରାଉଚରା କରୁଛି। ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ଅଯଥାରେ ଯୋଡି ବା ସଂପୃକ୍ତି ଥିବା ଅଭିଯୋଗ ଆଣି ଯେଉଁପରି ଭାବରେ ରାଜ୍ୟରେ ଆନ୍ଦୋଳନ ବିରୋଧୀ ଜାରି ରଖିଛି ଆଗାମୀ ଦିନରେ ରାଜ୍ୟ ରାଜନୀତିରେ ବିରୋଧୀଙ୍କ ଦଳ ଲୋପ ପାଇବ ବୋଲି ଚର୍ଚ୍ଚାରେ କୁହାଯାଉଛି।

## ମନ୍ତ୍ରୀଙ୍କ ଇସ୍ତଫା ଦାବିକୁ ଏଡାଇଲେ ଅପରାଜିତା

**ଭୁବନେଶ୍ୱର:-** କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷା ମମିତା ମେହେରଙ୍କ ହତ୍ୟାକାଣ୍ଡକୁ ନେଇ ଏବେ ରାଜ୍ୟ ରାଜନୀତି ବେସ୍ ସରଗରମ ହୋଇଛି। ଗିରଫ ହୋଇଥିବା ସ୍କୁଲ୍‌ର ସଭାପତି ଗୋବିନ୍ଦ ସାହୁଙ୍କ ସହ ସ୍ଥାନୀୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସଂପର୍କକୁ ନେଇ ରାଜନୀତି ଅଧିକ ସରଗରମ ହୋଇଛି। ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ରାଜ୍ୟବ୍ୟାପୀ ଏବେ ଆନ୍ଦୋଳନ ଚାଲିଛି। ଉଭୟ କଂଗ୍ରେସ ଓ ବିଜେପି ସିବିଆଇ ତଦନ୍ତ ସହ ମନ୍ତ୍ରୀଙ୍କ ଇସ୍ତଫାକୁ ନେଇ ଅଡି ବସିଛନ୍ତି। ଏଇ ଘଟଣା ଭିତରେ ବିଜେପିର ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ମତକୁ ନେଇ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି। ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜେପି ଉଠାପକା କରୁଥିବା ବେଳେ ତାଙ୍କରି ଦଳର ସାଂସଦ ଭିନ୍ନ ଭିନ୍ନ ମତ




ରଖିଛନ୍ତି। ଅପରାଜିତା ସାମ୍ବାଦିକ ସମ୍ମିଳନୀ କରି ଦିବ୍ୟଶଙ୍କର ମିଶ୍ରଙ୍କ ନାଁ ଓ ଘଟଣାର ସିବିଆଇ ତଦନ୍ତ କରିବା ପାଇଁ ଦାବି କରିଥିବା ବେଳେ ମନ୍ତ୍ରୀଙ୍କ ଇସ୍ତଫା କଥା ଉଠାଇନାହାଁନ୍ତି। ଦଳ ମନ୍ତ୍ରୀଙ୍କ ଇସ୍ତଫା ପାଇଁ ଅଡି ବସିଥିବାବେଳେ ଅପରାଜିତାଙ୍କ ଭିନ୍ନ ମତ ରାଜନୀତିରେ ଏବେ ପ୍ରମୁଖ ଚର୍ଚ୍ଚାର ବିଷୟ ହୋଇଛି।

ଉକ୍ତ ସ୍କୁଲ୍‌ର ସଭାପତିଙ୍କ ଗୋବିନ୍ଦ ସାହୁଙ୍କ ସହ ମନ୍ତ୍ରୀଙ୍କ ଶ୍ରୀ ମିଶ୍ରଙ୍କ ସଂପର୍କ କଥା ଉଠାଇ ବିରୋଧୀ ଇସ୍ତଫା ପ୍ରସଙ୍ଗ ଉଠାଇଥିଲେ। ମନ୍ତ୍ରୀ ସ୍କୁଲ୍‌କୁ ନିୟମିତ ଯିବା ଆସିବା କରିବାର ଭିଡିଓ ମଧ୍ୟ ଭାଇରାଲ୍ ହୋଇଛି। ମନ୍ତ୍ରୀ ସ୍କୁଲ୍‌କୁ ବିଭିନ୍ନ ସମୟରେ ଯାଉଥିବା ନେଇ ନିଜେ ମଧ୍ୟ କହୁଥିବା କଥା (ପୃଷ୍ଠା-୨)

## ସିବିଆଇ ଅଫିସର କ'ଣ ସ୍ୱର୍ଗରୁ ଆସିଛନ୍ତି ?:ପ୍ରମିଳା

**ଭୁବନେଶ୍ୱର:-** ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍‌ର ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଭଳି ଘଟଣାକୁ ରାଜ୍ୟ ସରକାରଙ୍କ ଦ୍ୱାରା ଏହି ମାମଲା ତଦନ୍ତ ହେଲେ ହତ୍ୟାକାରୀ ଖସିଯିବାକୁ ଆଶଙ୍କା କରି ଉଭୟେ ବିରୋଧୀ ବିଜେପି ଓ କଂଗ୍ରେସ ସିବିଆଇ ତଦନ୍ତ ଦାବି କରିଛନ୍ତି। ତେବେ ଏହି ଦାବିକୁ ନେଇ ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ସିବିଆଇ ଅଫିସର କ'ଣ ସ୍ୱର୍ଗରୁ ଆସିଛନ୍ତି ? ଏହା ସହ ସିଏ ପ୍ରଶ୍ନ କରିଛନ୍ତି ଯେ ସିବିଆଇ ଯେତେ କେସ୍ ନେଇଛନ୍ତି ସେ ସବୁରେ କ'ଣ ଫଳ ହୋଇଛି ?

ଓଡ଼ିଶା ପୋଲିସ୍ ଉପରେ ରାଜ୍ୟବାସୀଙ୍କର ଭରଷା ଅଛି ଏବଂ ରାଜ୍ୟରେ ଭଲ ପୋଲିସ୍ ଅଫିସର୍ ରହିଛନ୍ତି। ଯେଉଁମାନେ କେନ୍ଦ୍ରରେ ରହି ମଧ୍ୟ ଭଲ କାମ କରିଛନ୍ତି ସେମାନଙ୍କ ଉପରେ ଯଦି ଭରଷା ରହିବନି ତେବେ କାହା ଉପରେ ଭରଷା ରହିବ। ସେ ଏହା



ମଧ୍ୟ କହିଛନ୍ତି ଯେ ଯେହେତୁ କେନ୍ଦ୍ରରେ ବିଜେପି ସରକାର ରହିଛି ତେଣୁକରି ସେମାନେ ସବିଆଇ ତଦନ୍ତ ଦାବି କରୁଛନ୍ତି। ତେବେ ତଦନ୍ତ ନୀରପେକ୍ଷ ଭାବରେ ହୋଇ ପ୍ରକୃତ ଦୋଷୀକୁ ଦଣ୍ଡ ମିଳିବ କୌଣସି ଦୋଷୀ କେତେବେଳେ ଖସି ଯାଇପାରିବେନି ବୋଲି କହିଛନ୍ତି।

ତେବେ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଥିବା ବେଳେ ସରକାର ବିରୋଧୀଙ୍କ କଥାରେ ଚାଲିବ ନାହିଁ ବୋଲି ସେ କହିଛନ୍ତି। ତେବେ ଘରୋଇ ସ୍କୁଲ୍‌କୁ ମିଳିଥିବା ଅନୁଦାନ ବିଷୟରେ ସେ କହିଛନ୍ତି ଯେ ରାଜ୍ୟ ସରକାର ବିଭିନ୍ନ ଘରୋଇ ସ୍କୁଲ୍‌କୁ ଅନୁଦାନ ଦେଇଛନ୍ତି। ଖାଲି ସେ ସ୍କୁଲ୍‌କୁ ଅନୁଦାନ ମିଳିନାହିଁ।

## ମହିଳା ମୋର୍ଚ୍ଚାକୁ କଡା ଜବାବ ଦେଲେ ବିଜେଡିର ୨ ନେତ୍ରୀ



**ଭୁବନେଶ୍ୱର:-** ଓଡ଼ିଶା ବିଜେପିର ମହିଳା ମୋର୍ଚ୍ଚା ତା'ର ଘେରାଉ ସମୟରେ ମିଥ୍ୟା ଓ ଭିତ୍ତିହୀନ ବିବୃତ୍ତି ଦେଇ ସମସ୍ତ ଲଜ୍ଜାକୁ ଅତିକ୍ରମ କରି ଅତି ନିମ୍ନ ସ୍ତରକୁ ଖସିଆସିଛି। ଏଭଳି ଭାବେ ନିମ୍ନ ସ୍ତରକୁ ଯିବା ସଂପୂର୍ଣ୍ଣ ନୂଆ ଯାହାକି ଶସ୍ତା ରାଜନୀତି ପାଇଁ ପୂର୍ବରୁ ଖେଳାଯାଇଥିବା ସମସ୍ତ ଲଜ୍ଜାଜନକ ରାଜନୀତିଠାରୁ ମଧ୍ୟ କମ୍ ଅଟେ ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଶ୍ରୀମତୀ ଏଲିନା ଦାସ ଓ ସୁଶ୍ରୀ ଇପ୍‌ସିତା ସାହୁ। ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ମହିଳା ମୋର୍ଚ୍ଚାକୁ କଡା ଜବାବ ଦେଇ ଶ୍ରୀମତୀ ଦାସ ଓ ସୁଶ୍ରୀ ସାହୁ କହିଛନ୍ତି ଯେ ଓଡ଼ିଶା ବିଜେପିର ମହିଳା ମୋର୍ଚ୍ଚା ବେସ୍ ଭଲ ଭାବରେ ଜାଣିଛନ୍ତି ଯେ ମମିତା ମେହେର (ପୃଷ୍ଠା-୨)

## ପୋଲିସ୍ ତଦନ୍ତରେ ସନ୍ତୁଷ୍ଟ:ମମିତାଙ୍କ ଭାଇ

**ବଲାଙ୍ଗୀର(ସଂପର୍କବାର୍ତ୍ତା):-** ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାରେ ବିରୋଧୀ ନ୍ୟାୟ ମାଗିବା ସହ ମନ୍ତ୍ରୀଙ୍କ ସଂପୃକ୍ତି ନେଇ ତଦନ୍ତ କରିବାକୁ ଦାବି କରୁଥିବା ବେଳେ ପରିବାର ଲୋକ ନୀରବ ରହିଲେ। ହେଲେ ବିରୋଧୀ ରାଜନୈତିକ ଫାଇଦା ହାସଲ କରୁଥିବା ଜାଣିଲା ପରେ ଶନିବାର ଦିନ ସେମାନଙ୍କର ସ୍ୱରରେ ପରିବର୍ତ୍ତନ ଆସିଛି। ଖବରରୁ ପ୍ରକାଶ ବଲାଙ୍ଗୀର ପୋଲିସ୍ ମମତାଙ୍କ ପରିବାର ବର୍ଗଙ୍କୁ ବଲାଙ୍ଗୀର ଡାକି ମନୋହରପୁର ରିଜର୍ଭ ବ୍ୟାରେଗଠାରେ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। ଏହି ଆଲୋଚନାରେ ଡିଆଇଜି ଡ.ଦିପକ କୁମାର ଓ ଏସ୍‌ପି ନିତିନ କୁଶଲକର ବହୁ ସମୟ ଧରି ପରିବାର ଲୋକଙ୍କୁ ସବୁ ଘଟଣା ସଂପର୍କରେ ବୁଝାଇଥିଲେ। ପରେ ଦିନ ୪ଟା ୨୦ ସମୟରେ ପରିବାର ଲୋକ ଏକ ଦାବିପତ୍ର ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଜିଲ୍ଲାପାଳଙ୍କୁ ସାକ୍ଷାତ୍ କରି ଫେରିବା ସମୟରେ ସେଠାରେ ଉପସ୍ଥିତ ଥିବା ଅନେକ ଗଣମାଧ୍ୟମ ପ୍ରତିନିଧି ଜିଲ୍ଲାପାଳଙ୍କୁ କ'ଣ ଦାବି ଓ ଅଭିଯୋଗ କଲେ ସେମାନଙ୍କୁ ପଚାରିଥିଲେ। କିନ୍ତୁ ମମିତାଙ୍କ ବାପା, ମା' ଓ ଭାଇ କିଛି କହିନଥିଲେ। ଏପରିକି ତାଙ୍କ ସହ ମୂଳରୁ ହିଁ ଛାଇ ଭଳି ରହିଆସୁଥିବା ବଡବାପା କୌଶିକ ମେହେର ମଧ୍ୟ କିଛି କହିନଥିଲେ। କେବଳ ଗୋଟିଏ ପଦ ମମିତାଙ୍କ ମା କହିଥିଲେ ଆମେ ଦୁଃଖରେ ଅଛୁ, ଆଉ ମମିତାଙ୍କ ଭାଇ କହିଥିଲେ ପୋଲିସ୍ ତଦନ୍ତରେ ଆମେ ସନ୍ତୁଷ୍ଟ ଅଛୁ। ପରେ ପରିବାର ବର୍ଗ କି ଦାବି ରଖିଲେ ସେ ନେଇ କିଛି ଗଣମାଧ୍ୟମ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ଯୋଗାଯୋଗ କରିଥିଲେ। ଜିଲ୍ଲାପାଳ କହିଥିଲେ ମମିତାଙ୍କ ପରିବାର ବର୍ଗ ତାଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମାମଲାର ବିଚାର ଫାଷ୍ଟଟ୍ରାକ୍ କୋର୍ଟରେ କରାଯାଉ ଏବଂ ଏହି ଘଟଣାକୁ ରାଜନୈତିକରଣ କରାନଯାଉ ବୋଲି ଦାବି ରଖିଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ।



## ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ସଭାପତି 'ବୁଲନ୍'ଙ୍କୁ ହତ୍ୟା କରିବେ !

**ଭୁବନେଶ୍ୱର(ନବଘନ ଜେନା):-** ରାଜ୍ୟ ପୋଲିସ୍‌ର ଅପାରଗତା ଯୋଗୁଁ ସାଧାରଣ ଲୋକଙ୍କୁ ହତ୍ୟା କରାଯାଉଥିବା ଅଭିଯୋଗ କରାଯାଉଛି। ଭୁବନେଶ୍ୱର କମିଶନରେଟ୍ ପୋଲିସ୍‌ର ତମାଣ୍ଡୋ ଥାନା ଏରିଆରେ ପୋଲିସ୍‌ର ଖାମଖିଆଲି ମନୋଭାବ ଯୋଗୁଁ ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରାଯାଉଛି। ସେହିପରି ବଲାଙ୍ଗୀର ଜିଲ୍ଲାର କେଗାଁ ଥାନା ଏରିଆରେ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷା ମମିତା ମେହେରଙ୍କୁ ପୋଲିସ୍‌ର ଅବହେଳା ଯୋଗୁଁ ହତ୍ୟା କରାଯାଇଥିବା ମଧ୍ୟ ଅଭିଯୋଗ ହେଉଛି। ଏପଟେ ଭୁବନେଶ୍ୱର କମିଶନରେଟ୍ ପୋଲିସ୍‌ର ଖାରବେଳ ଥାନା ଏରିଆର "ଉତ୍କଳ ସାମ୍ବାଦିକ ସଂଘ"ର ସଭାପତି ପରମେଶ୍ୱର ଦାଶ(ବୁଲନ୍ ଭାଇ)ଙ୍କୁ ହତ୍ୟା କରାଯିବାକୁ ବାରମ୍ବାର ଉଦ୍ୟମ କରାଯାଉଥିବା ନେଇ ପୋଲିସ୍‌ରେ ଏକାଧିକବାର ଅଭିଯୋଗ ସତ୍ତ୍ୱେ ଅଭିଯୁକ୍ତମାନଙ୍କ ପ୍ରତି ପୋଲିସ୍‌ର ଅନୁକମ୍ପା ଯୋଗୁଁ ସଭାପତି ବୁଲନ୍‌ଙ୍କୁ ହତ୍ୟା କରାଯିବା ଉଦ୍ୟମ ହେଉଥିବା କୁହାଯାଉଛି। ନିକଟରେ "ଉତ୍କଳ ସାମ୍ବାଦିକ ସଂଘ"ର ସଭାପତିଙ୍କୁ ନେଇ ବିବାଦୀୟ ଘଟଣାର କମିଶନରେଟ୍ ପୋଲିସ୍‌ର ମାନ୍ୟବର ଡିସିପି କୋର୍ଟ ରାୟ ପ୍ରକାଶ ପାଇଛି। କୋର୍ଟରେ ବିଚାରଧିନ ମାମଲାର ୭/୮ ମାସ ମଧ୍ୟରେ ବୁଲନ୍‌ଙ୍କୁ ପ୍ରତିପକ୍ଷ ଗୋଷ୍ଠୀ ବହୁବାର ଆକ୍ରମଣ କରିଥିବା ଘଟଣାକୁ ନେଇ ସ୍ଥାନୀୟ ଖାରବେଳ ଥାନାରେ ସଭାପତି ବୁଲନ୍ ବାରମ୍ବାର ଅଭିଯୋଗ କରିବା ଏବଂ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ମାମଲା ରୁଜୁ ସତ୍ତ୍ୱେ ପୋଲିସ୍ ଅଭିଯୁକ୍ତମାନଙ୍କ ପ୍ରତି ଗୁରୁତ୍ୱ ନ ଦେବା ଯୋଗୁଁ କୋର୍ଟ ରାୟ ପରେ ପୁନଶ୍ଚ ସଭାପତି ବୁଲନ୍‌ଙ୍କ ପ୍ରତିପକ୍ଷ ଗୋଷ୍ଠୀଙ୍କ ପକ୍ଷରୁ ଆକ୍ରମଣ ଉଦ୍ୟମ ହୋଇଛି। ଏପରିକି ସଭାପତି ବୁଲନ୍‌ଙ୍କ ଗାଡି ଭଙ୍ଗାରୁଜା ହୋଇଥିବା ବେଳେ ତାଙ୍କର ବ୍ୟକ୍ତିଗତ ସିକ୍ୟୁରିଟିଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ନେଇ ସଭାପତି ବୁଲନ୍ ଅଭିଯୋଗ କରିଛନ୍ତି। ଖାରବେଳ ଥାନା ପୋଲିସ୍‌ର ଅଭିଯୁକ୍ତମାନଙ୍କ ପ୍ରତି ଖାମଖିଆଲ୍ ମନୋଭାବ ଯୋଗୁଁ ସଭାପତି ବୁଲନ୍‌ଙ୍କୁ ହତ୍ୟା କରାଯିବାର ଆଶଙ୍କା ସୃଷ୍ଟି କରିଛି। ସଭାପତି ବୁଲନ୍‌ଙ୍କ ପ୍ରତି ପ୍ରତିପକ୍ଷ ଦୁର୍ବୃତ୍ତମାନଙ୍କ ଆକ୍ରମଣାତ୍ମକ ଚିନ୍ତାଧାରା ଯୋଗୁଁ ଯଦି କିଛି ଅଘଟଣ ଘଟେ ତେବେ କମିଶନରେଟ୍ ପୋଲିସ୍ ଏଥିପାଇଁ ଦାୟୀ ରହିବ ବୋଲି ରାଜ୍ୟର ଶତାଧିକ ସାମ୍ବାଦିକ ଗତ ଶୁକ୍ରବାର ଦିନ ଖାରବେଳ ଥାନା ଏରିଆର ଏକ ସଂଘରେ ବୈଠକ କରି ଏହିଭଳି ବିବୃତ୍ତି ଦେଉଥିବା ଶୁଣିବାକୁ ମିଳୁଛି। ମାନ୍ୟବର କମିଶନରେଟ୍ ପୋଲିସ୍ ତଥା ଖାରବେଳନଗର ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ରାଜ୍ୟର ସାମ୍ବାଦିକମାନଙ୍କ ପକ୍ଷରୁ ଅନୁରୋଧ କରାଯାଉଛି କି ନିରପେକ୍ଷ ଭାବେ ଘଟଣାଟିକୁ ବିଚାରକୁ ନେଇ ସଭାପତି ବୁଲନ୍‌ଙ୍କୁ ସୁରକ୍ଷା ଦିଆଯିବା ସହିତ ପ୍ରତିପକ୍ଷ ଗୋଷ୍ଠୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରାଯିବାକୁ ଦାବି କରାଯାଉଛି।



## ରାଜ୍ୟର ନଂ-୧ ଜିଲ୍ଲାପାଳ ହେଲେ ଖୋର୍ଦ୍ଧା Collector

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜଗତସିଂହପୁର ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ହଠାତ୍ ବଦଳି ନିର୍ଦ୍ଦେଶନାମା ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ବଦଳି ପୁଣି ଖୋର୍ଦ୍ଧା Collector ଭାବେ କରାଯାଇଛି। ଜଗତସିଂହପୁର ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କ କାର୍ଯ୍ୟଧାରା ଓ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟଧାରାକୁ ନେଇ "ସଂପର୍କବାର୍ତ୍ତା" ଖବରକାଗଜ ପକ୍ଷରୁ ଏକ ସର୍ଭେ ରିପୋର୍ଟ ପ୍ରକାଶ କରାଯାଇଥିଲା। ଯାହାକି ସମଗ୍ର ରାଜ୍ୟରେ ନଂ-୧ ଜିଲ୍ଲାପାଳ ଶ୍ରୀ ମହାପାତ୍ର ବୋଲି କୁହାଯାଇଥିଲା। ଜିଲ୍ଲାପାଳ ଶ୍ରୀ ମହାପାତ୍ର ପ୍ରଥମ ଜିଲ୍ଲାପାଳ ଭାବେ ଜଗତସିଂହପୁର ଜିଲ୍ଲାରେ ଦାୟିତ୍ୱ ଗ୍ରହଣ କରିବା ପରେ ଦକ୍ଷତାର ସହିତ କାର୍ଯ୍ୟ ଆରମ୍ଭ କରିଥିଲେ। ଏପରିକି ପ୍ରଥମ କାମ ଥିଲା ଜିଲ୍ଲାରେ ଦୁର୍ନୀତିକୁ ପ୍ରଶୟ ନ ଦେବା। ଏପରିକି ଦୁର୍ନୀତି କରିଥିବା ପ୍ରାୟ ୭୦ଜଣ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ, ସରକାରୀ ଜମି ଦଖଲ କରିଥିବା ମାଫିଆଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ସରକାରୀ ଜମି ଜାଲିଆତି ସଂକ୍ରାନ୍ତରେ ସରକାରଙ୍କୁ ଜଣାଇବା ସହିତ ଭିଜିଲାନ୍ସକୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ଜଣେ ତହସିଲ୍‌ଦାର, ୪ଜଣ ଆରଆଇ ଏବେ ଜେଲ୍‌ରେ ରହିଛନ୍ତି। ପ୍ରାୟ ଅନେକ ଆରଆଇ



ଓ ତହସିଲ୍ କର୍ମଚାରୀ ଭିଜିଲାନ୍ସ ଫାସରେ ଫସିବାକୁ ଥିବା କୁହାଯାଉଛି। ତତ୍‌ସହିତ ବାଲିକୁଦା ବ୍ଲକ୍ ଆକାଉଣ୍ଟରୁ ଅଢେଇ କୋଟି ଟଙ୍କା ଜାଲିଆତିକୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଇ-ଫାଇଲିଂ ବ୍ୟବସ୍ଥାରେ ଜଗତସିଂହପୁର ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପଛରେ ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କ ଦକ୍ଷତାକୁ ପ୍ରମାଣ କରିସାରିଛି। ଏପରିକି ଜିଲ୍ଲାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ୧୦୦ ଶଯ୍ୟାରୁ ୪୦୦ ଶଯ୍ୟାକୁ ବୃଦ୍ଧି କରିବା ସହ ଡାକ୍ତରଖାନାକୁ ସଂପ୍ରସାରଣ ଓ ବିରାଟ ବିରାଟ ଅଟ୍ଟାଳିକା ନିର୍ମାଣଧିନ ରହିଛି।ତିର୍ତ୍ତୋଲ୍‌ରେ ଦୁଇଟି ବୃହତ ପୋଲ, ଛ-ପଡା ରେଲ୍‌ୱେ ଓଭରବ୍ରିଜ୍, ପାରାଦ୍ୱୀପ ଟ୍ରକ୍ ଟର୍ମିନାଲ୍ ଠାରୁ ଆରମ୍ଭ କରି ଅନେକ ଉନ୍ନତିମୂଳକ କାମରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ଅନ୍ୟାନ୍ୟ ବହୁ ପ୍ରକଳ୍ପ ଜିଲ୍ଲାରେ ସୃଷ୍ଟି କରିବାରେ ତାଙ୍କର ସହାୟତା ଥିବାରୁ ଜିଲ୍ଲାପାଳ ଶ୍ରୀ ମହାପାତ୍ର ସମଗ୍ର ରାଜ୍ୟରେ ନଂ-୧ ଜିଲ୍ଲାପାଳ ଭାବେ ଗ୍ରହଣୀୟ ହୋଇପାରିଥିବାରୁ ସର୍ଭେରୁ ଜଣାପଡିଛି। ଯାହାଫଳରେ ଜିଲ୍ଲାପାଳଙ୍କ ଦକ୍ଷତା ଯୋଗୁଁ ଆଜି ରାଜଧାନୀ ଭୁବନେଶ୍ୱରର ଖୋର୍ଦ୍ଧା ଜିଲ୍ଲାରେ Collector ହେବା ଏକ ସୌଭାଗ୍ୟର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ମତବ୍ୟକ୍ତ କରାଯାଉଛି।

## ଜଗତସିଂହପୁରରେ Youngster IAS Collector Parul Patawari

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜଗତସିଂହପୁର ଜିଲ୍ଲାପାଳ ଭାବେ Youngster IAS Collector Parul Patawari କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ପାରୁଲ୍ ପଟୱାରୀଙ୍କୁ ନୂତନ ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ପାରୁଲ୍ ପଟୱାରୀ ରାଜ୍ୟ ସରକାରଙ୍କ ୱାର୍କସ୍ ଡିପାର୍ଟମେଣ୍ଟରେ ଡେପୁଟି ସେକ୍ରେଟାରୀ ଭାବେ କାର୍ଯ୍ୟ କରୁଥିଲେ। ଜଗତସିଂହପୁର ଜିଲ୍ଲା ସୃଷ୍ଟି ହେବାର ୨୮ ବର୍ଷ ମଧ୍ୟରେ ମହିଳା




କଲେକ୍ଟର ଭାବେ ପାରୁଲ୍ ପଟୱାରୀ ଦ୍ୱିତୀୟ ମହିଳା ଜିଲ୍ଲାପାଳ। ପୂର୍ବରୁ ଆଇଏଏସ୍ କଲେକ୍ଟର ଭାବେ ଜାମିନୀ ଷଡଙ୍ଗୀ ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିଯାଇଥିବାକୁ ଏବେ ସୁଦ୍ଧା ଜିଲ୍ଲାବାସୀ ଝୁରୁଛନ୍ତି। ଦ୍ୱିତୀୟ ମହିଳା କଲେକ୍ଟର ଭାବେ ଯୁବା ଆଇଏଏସ୍ କଲେକ୍ଟର ପାରୁଲ୍ ପଟୱାରୀଙ୍କୁ ଜିଲ୍ଲାବାସୀଙ୍କ ପକ୍ଷରୁ Welcome କରାଯାଉଛି। ନୂତନ ଜିଲ୍ଲାପାଳ ପାରୁଲ୍‌ଙ୍କ କାର୍ଯ୍ୟଦକ୍ଷତାକୁ ସମଗ୍ର ଜିଲ୍ଲାବାସୀ ଚାହିଁ ରହିଥିବା ଜଣାପଡିଛି।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା


# ରାଷ୍ଟ୍ରପତିଙ୍କ ଦରମା, ଅବସର ପରେ କ'ଣ ସୁବିଧା ?

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତର ରାଷ୍ଟ୍ରପତି ଦେଶର ମୁଖ୍ୟ ହେବା ସହିତ ପ୍ରଥମ ନାଗରିକ ମଧ୍ୟ ଅଟନ୍ତି। ରାଷ୍ଟ୍ରପତି ମଧ୍ୟ ଭାରତୀୟ ସଶସ୍ତ୍ର ବାହିନୀର ସେନାଧ୍ୟକ୍ଷ ଅଟନ୍ତି। ଭାରତରେ ରାଷ୍ଟ୍ରପତି ନିର୍ବାଚକ ମଣ୍ଡଳ ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି। ଯେଉଁଥିରେ ଉଭୟ ସଂସଦର ଗୃହ, ରାଜ୍ୟସଭାଗୁଡିକ ଏବଂ ୟୁନିୟନ ଅଞ୍ଚଳର ନିର୍ବାର୍ଚିତ ସଦସ୍ୟ ଅନ୍ତର୍ଭୁକ୍ତ ଥାନ୍ତି।

ରାମନାଥ କୋବିନ୍ଦ ଏବେ ଭାରତର ରାଷ୍ଟ୍ରପତି। କୋବିନ୍ଦ ବିଶ୍ୱର ସର୍ବବୃହତ ରାଷ୍ଟ୍ରପତି ଭବନରେ ରୁହନ୍ତି। ଭାରତ ରାଷ୍ଟ୍ରପତିଙ୍କ ଦରମା ଏବଂ ଭତ୍ତା ଭାରତ ସଂସଦ ଦ୍ୱାରା ସ୍ଥିର ହୋଇଛି। ଭାରତ ରାଷ୍ଟ୍ରପତିଙ୍କ ଦରମା ୫ଲକ୍ଷ ଟଙ୍କା। ଏହାସହ ତାଙ୍କ ଅନ୍ୟାନ୍ୟ ସୁବିଧା ମଧ୍ୟ ମିଳିଥାଏ। ବାସସ୍ଥାନ: ରାଷ୍ଟ୍ରପତି




ଭବନ ହେଉଛି ରାଷ୍ଟ୍ରପତିଙ୍କ ସରକାରୀ ବାସଭବନ। ନୂଆଦିଲ୍ଲୀରେ ଅବସ୍ଥିତ ରାଷ୍ଟ୍ରପତି ଭବନରେ ୩୪୦ରୁମ ଏବ ଚଟାଣ କ୍ଷେତ୍ର ୨,୦୦,୦୦୦ ବର୍ଗଫୁଟ। ଚିକିତ୍ସା ସୁବିଧା: ଭାରତର ରାଷ୍ଟ୍ରପତି ସାରା ଜୀବନ ପାଇଁ ମାଗଣା ଚିକିତ୍ସା ସେବା ପାଇବାକୁ ହକଦାର। ସୁରକ୍ଷା: ଭାରତର ରାଷ୍ଟ୍ରପତି ଏକ କଳା ମର୍ସିଡିଜ୍ ବେଞ୍ଜ ଏସ୍୬୦୦(ଡବ୍ଲ୍ୟୁ ୨୦୨୧) ପୁଲମାନ ଗାର୍ଡ ପାଇବାକୁ ହକଦାର। ରାଷ୍ଟ୍ରପତିଙ୍କ ଅଫିସିଆଲ୍ ଗସ୍ତ ପାଇଁ ଅସ୍ତ୍ରଶସ୍ତ୍ର ସହିତ ସଜ୍ଜିତ ଏକ ଲମ୍ବା ଲିମୋଜାସିନ ମଧ୍ୟ ଅଛି। ଅବସର ପରେ ରାଷ୍ଟ୍ରପତି: ଅବସର ପରେ ଭାରତର ରାଷ୍ଟ୍ରପତି ଅନେକ ଭତ୍ତା ପାଇଥାନ୍ତି। ଯେପରିକି-ପେନସନ୍ ଭାବରେ ମାସକୁ ୧.୫ଲକ୍ଷ, ଏକ ସୁସଜ୍ଜିତ ମାଗଣା ବଙ୍ଗଳା, ଦୁଇଟି ମାଗଣା ଲ୍ୟାଣ୍ଡଲାଇନ୍ ଏବଂ ଏକ ମୋବାଇଲ୍ ଫୋନ, ୫ଜଣ ବେସରକାରୀ କର୍ମଚାରୀ-କର୍ମଚାରୀଙ୍କ ଖର୍ଚ୍ଚ ବାର୍ଷିକ ୬୦,୦୦୦ଟଙ୍କା, ଟ୍ରେନ୍ କିମ୍ବା ବିମାନରେ ସାଥୀଙ୍କ ସହିତ ମାଗଣା ଯାତ୍ରା।

# IASଙ୍କ ଦରମା ଓ ଅନ୍ୟାନ୍ୟ ସୁବିଧା ?

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପ୍ରତିବର୍ଷ ଦେଶର ଲକ୍ଷ ଲକ୍ଷ ଯୁବକ ଓ ଯୁବତୀ ୟୁପିଏସ୍‌ସି ପରୀକ୍ଷା ଦେଇଥାନ୍ତି। ଯାହାକି ଭାରତର ସବୁଠାରୁ କଠିନ ପରୀକ୍ଷା ବୋଲି ବିବେଚନା କରାଯାଏ। ସିଭିଲ୍ ସେବା ପାଇଁ ୟୁପିଏସ୍‌ସି ପରୀକ୍ଷାରେ କେବଳ ସଫଳ ପ୍ରାର୍ଥୀମାନେ IAS, IPS ଏବଂ IFS ପରି ମହାନ ପଦବୀ ପାଇଥାନ୍ତି। ଯାହା ଭାରତର ସର୍ବୋଚ୍ଚ ଶ୍ରେଣୀ ସେବାରେ ଅନ୍ତର୍ଭୁକ୍ତ ହୋଇଛି। ଏଥିରେ ଯୋଗଦେବା ପାଇଁ ଇଞ୍ଜିନିୟର, ଡାକ୍ତରଙ୍କ ଭଳି ବୃତ୍ତି ସହିତ ଜଡିତ ଅନେକ ଯୁବକ ଯୁବତୀ ସେମାନଙ୍କର ଭଲ ଚାକିରୀ ଏବଂ ଲକ୍ଷ ଲେକ୍ଷ ପ୍ୟାକେଜ୍‌ର ପ୍ରୋଜେକ୍ଟ ଛାଡି ଏଥି ପାଇଁ ନିଜକୁ ପ୍ରସ୍ତୁତ କରିଥାନ୍ତି।

ଏଭଳି ପରିସ୍ଥିତିରେ ଲୋକଙ୍କ ମନରେ ଅନେକ ସମୟରେ ପ୍ରଶ୍ନ ଆସେ ଯେ, ଏହି ପରୀକ୍ଷାରେ ସଫଳ ହୋଇଥିବା ବ୍ୟକ୍ତିମାନେ କେତେ ଦରମା ପାଆନ୍ତି ଏବଂ ଏହା ସହିତ ସେମାନେ କ'ଣ କ'ଣ ସୁବିଧା ପାଇଥାନ୍ତି।

ତେବେ ୟୁପିଏସ୍‌ସି ପରୀକ୍ଷାରେ ସଫଳ ହେବା ପରେ, ଯେଉଁ ପ୍ରାର୍ଥୀମାନେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ପାଇଁ ମାନ୍ୟତା ପାଇଛନ୍ତି, ସେମାନେ ଦେଶର ଅମଲାତାନ୍ତ୍ରିକ ବ୍ୟବସ୍ଥାରେ କାର୍ଯ୍ୟ କରିବାର ସୁଯୋଗ ପାଇବେ। ୟୁପିଏସ୍‌ସି ପରୀକ୍ଷାରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍), ଭାରତୀୟ ପୋଲିସ୍ ସେବା (ଆଇପିଏସ୍) ଏବଂ ଭାରତୀୟ ବୈଦେଶୀକ ସେବା (ଆଇଏଫ୍‌ଏସ୍) ସମେତ ୨୫ରୁ ଅଧିକ ବର୍ଗର ସେବା ଏଥିରେ ସାମିଲ ରହିଛି। ଏଥିରେ ଆଇଏଏସ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଆଇଏଏସ୍ ହେବାକୁ ଥିବା ପ୍ରାର୍ଥୀମାନେ ପ୍ରଶାସନିକ ବ୍ୟବସ୍ଥାର ଯତ୍ନ ନିଅନ୍ତି ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଠାରୁ କ୍ୟାବିନେଟ୍ ସଚିବ




ହୁଅନ୍ତି। କ୍ୟାବିନେଟ୍ ସଚିବ ପଦ ହେଉଛି ଆଇଏଏସ୍ ଅଧିକାରୀଙ୍କ ସର୍ବୋଚ୍ଚ ପଦବୀ।

ସଫଳ ୟୁପିଏସ୍‌ସି ପରୀକ୍ଷା ପରେ ଆଇଏଏସ୍ ହେବାକୁ ଥିବା ପ୍ରାର୍ଥୀମାନେ ଦେଶର ପ୍ରତିଷ୍ଠିତ ବ୍ୟବସ୍ଥାରେ ଏକ ଅଂଶ ହୁଅନ୍ତି, ଯେତେବେଳେ କି ସେମାନେ ଏକ ବଡ ବେତନ ବା ପ୍ୟାକେଜ୍ ସହ ଅନ୍ୟାନ୍ୟ ସୁବିଧା ମଧ୍ୟ ପାଇଥାନ୍ତି। ସପ୍ତମ ବେତନ ଆୟୋଗ ଅନୁଯାୟୀ ଜଣେ ଆଇଏଏସ୍ ଅଧିକାରୀଙ୍କ ମୌଳିକ ଦରମା ହେଉଛି ୫୬,୧୦୦ଟଙ୍କା। ତାଙ୍କର ଦରମା ସହିତ ଆଇଏଏସ୍ ଅଧିକାରୀଙ୍କୁ ଅନ୍ୟାନ୍ୟ ଭତ୍ତା ମଧ୍ୟ ଦିଆଯାଏ। ତେବେ ଜଣେ ଆଇଏଏସ୍‌ଙ୍କ ଦରମା ୧ଲକ୍ଷରୁ ଅଧିକ ହୋଇଥାଏ। ସଥି ସହିତ ଆଇଏଏସ୍ ବରିଷ୍ଠ ପଦବୀ କ୍ୟାବିନେଟ୍ ସଚିବଙ୍କ ଦରମା ୨,୫.୦୦୦ ପର୍ଯ୍ୟନ୍ତ ପହଞ୍ଚିଛି। ଏହା ହେଉଛି ଆଇଏଏସ୍ ବର୍ଗର ଜଣେ ଅଧିକାରୀଙ୍କ ସର୍ବୋଚ୍ଚ ଦରମା।

ଜଣେ ଆଇଏଏସ୍ ଅଧିକାରୀଙ୍କ ଦରମା ବିଭିନ୍ନ ପେ ବ୍ୟାଣ୍ଡରେ ବିଭକ୍ତ କରାଯାଇଛି। ଯେଉଁଥିରେ ସ୍କେଲ୍, ସିନିୟର ସ୍କେଲ୍ ଏବଂ ସୁପର ଟପ୍ ସ୍କେଲ୍ ସାମିଲ ରହିଛି। ଆଇଏଏସ୍ ଅଧିକାରୀମାନେ ମଧ୍ୟ ଅନେକ ସୁବିଧା ସୁଯୋଗ ପାଆନ୍ତି। ଯେଉଁଥିରେ ଭ୍ରମଣ ଭତ୍ତା ଏବଂ ମହଙ୍ଗା ଭତ୍ତା ଏବଂ ଘର ଭଡା ପରି ଅନେକ ଭତ୍ତା ସାମିଲ ରହିଛି। ଆଇଏଏସ୍ ଅଧିକରୀ ପାଇଥିବା ପେ ବ୍ୟାଣ୍ଡ ଆଧାରରେ ସେମାନଙ୍କ ଘର ରାନ୍ଧିବା ପାଇଁ ରୋଷେୟା ଏବଂ ସାହାର୍ଯ୍ୟ କରିବାକୁ ଅନ୍ୟ କର୍ମଚାରୀଙ୍କମାନଙ୍କୁ ମଧ୍ୟ ଯୋଗାଇ ଦିଆଯାଏ। ଯେକୌଣସି ସ୍ଥାନକୁ ଯିବାକୁ ଆଇଏଏସ୍‌କୁ ଏକ ଯାନ ଏବଂ ଡ୍ରାଇଭରର ସୁବିଧା ମଧ୍ୟ ମିଳିଥାଏ। ଏହା ସହିତ ଆଇଏଏସ୍ ଅଧିକାରୀମାନେ ପୋଷ୍ଟିଂ ସମୟରେ ଅନ୍ୟ ସ୍ଥାନକୁ ମଧ୍ୟ ପଠାଯାଏ। ଏପରି ସମୟରେ ତାଙ୍କୁ ଏକ ସରକାରୀ ଘର ମଧ୍ୟ ଦିଆଯାଏ। ଏହି ଭଳି ରହିଥାଏ ସିଭିଲ୍ ସର୍ଭିସ୍ ପାଇଥିବା ବ୍ୟକ୍ତିଗତ ଜୀବନର ଅନେକ ରୋଚକ କାହାଣୀ।

# ନକଲି ମାର୍କସିଟ୍ ମାମଲାରେ ବିଜେପି ବିଧାୟକଙ୍କୁ ୫ ବର୍ଷ ଜେଲ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ନକଲି ମାର୍କସିଟ୍ ପ୍ରସ୍ତୁତ କରି ପାଠ ପଢିଥିବା ମାମଲାରେ ଗତ ୧୯ ତାରିଖ ଦିନ ଉତ୍ତର ପ୍ରଦେଶର ଏକ କୋର୍ଟ ଜଣେ ବାହୁବଳୀ ବିଧାୟକଙ୍କୁ ୫ବର୍ଷର ଜେଲ୍ ଦଣ୍ଡ ଶୁଣାଇଛନ୍ତି। ପାଖାପାଖି ୨୯ ବର୍ଷ ପରେ କୋର୍ଟ ଗୋସାଇଗଞ୍ଜ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେପି ବିଧାୟକ ଥିବା ଇନ୍ଦ୍ର ପ୍ରତାପ ତିୱାରୀ ଓରଫ ଖବୁଙ୍କୁ ପାଞ୍ଚ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ଖବୁଙ୍କ ସମେତ ତିନି ଜଣଙ୍କୁ କୋର୍ଟ ୫ ବର୍ଷ କାରାଦଣ୍ଡ ଶୁଣାଇଥିବାବେଳେ ପ୍ରତ୍ୟେକଙ୍କୁ ୧୩ ହଜାର ଟଙ୍କା ଜୋରିମାନା ଦେବାକୁ ମଧ୍ୟ କୋର୍ଟ କହିଛନ୍ତି। ଅତିରିକ୍ତ ଜିଲ୍ଲା ଜର୍ଜ ପୂଜା ସିଂଙ୍କ ଏଭଳି ରାୟ ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ ଏହି ଘଟଣା ୧୯୯୨ ମସିହାରେ ହୋଇଥିବା ବେଳେ ତତ୍କାଳୀନ ସାକେତ ମହାବିଦ୍ୟାଳୟର ପ୍ରିନ୍ସପାଲ ପ୍ରଫେସର ଯଦୁବଂଶ ରାମ ତ୍ରିପାଠୀ




୧୮ ଫେବୃୟାରୀ ୧୯୯୨ରେ ରାମଜନ୍ମଭୂମି ପୋଲିସ୍ ଷ୍ଟେସନ୍‌ରେ ନକଲି ମାର୍କସିଟ୍ ଆଧାରରେ ପରବର୍ତ୍ତୀ ଶ୍ରେଣୀରେ ଆଡମିସନ୍ କରିଥିବା ନେଇ ଇନ୍ଦ୍ର ପ୍ରତାପ ତିୱାରୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହି ମାମଲାର ଅନୁସନ୍ଧାନ ପରେ ପୋଲିସ୍ ଏହି ତିନିଜଣଙ୍କ ବିରୋଧରେ ୪୧୯,୪୨୦ ଏବଂ ଆଇପିସିର ଅନ୍ୟ ଧାରାରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଏହା ପରେ ନିମ୍ନ ଅଦାଲତ ଏହି ମାମଲାକୁ ୨୦୧୮ ମସିହାରେ ଜିଲ୍ଲା ସେସନ କୋର୍ଟକୁ ପଠାଇଥିଲେ। ତେବେ ଅଭିଯୋଗକାରୀ ପ୍ରଫେସର ଯଦୁବଂଶ ରାମ ତ୍ରିପାଠୀଙ୍କ ସହ ସାକ୍ଷୀମାନଙ୍କର ଦେହାନ୍ତ ମଧ୍ୟ ହୋଇଯାଇଛି। ତେବେ ଏହି ମାମଲାରେ ଅନ୍ୟ ସାକ୍ଷୀଙ୍କୁ ହାଜର କରାଯାଇଥିଲା। ଆଉ ଶୁଣାଣି ପରେ ସୋମବାର କୋର୍ଟ ଏହି ତିନିଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଏବଂ ପ୍ରତ୍ୟେକଙ୍କୁ ୫ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନା ମୁତାବକ ଇନ୍ଦ୍ରପ୍ରତାପ ତିୱାରୀ ସମାଜବାଦୀ ପାର୍ଟି ଏବଂ ବିଏସ୍‌ପି ଟିକଟରେ ମଧ୍ୟ ନିର୍ବାଚନ ଲଢିଥିଲେ। ବିଧାୟକ ଓକିଲ ପୱନ ତିୱାରୀ କହିଛନ୍ତି ଯେ ବର୍ତ୍ତମାନ ହାଇକୋର୍ଟରେ ଏହି ମାମଲା ଲଢାଯିବ।

# ଡିସେମ୍ବର ପହିଲାରୁ ମହଙ୍ଗା ହେବ ଟିଭି ଦେଖା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଯଦି ଆପଣ ଟିଭି ଦେଖିବାକୁ ପସନ୍ଦ କରନ୍ତି, ତେବେ ଜାଣି ରଖନ୍ତୁ ଡିସେମ୍ବର ୧ରୁ ଟିଭି ଚ୍ୟାନେଲଗୁଡିକର ବିଲ୍ ବୃଦ୍ଧି ହେବାକ ଯାଉଛି। ଦେଶର ଅଗ୍ରଣି ପ୍ରସାରଣ ନେଟୱାର୍କ ଜି, ଷ୍ଟାର, ସୋନି ଏବଂ ଭାୟାକମ୍ ୧୮ ସେମାନଙ୍କ ବୁକେରୁ କିଛି ଚ୍ୟାନେଲ୍‌କୁ ବାଦ ଦେଇଛି, ଯେଉଁଥିପାଇଁ ଟିଭି ଦର୍ଶକଙ୍କୁ ୫୦% ଅଧିକ ଖର୍ଚ୍ଚ କରିବାକୁ ପଡିପାରେ। ଟେଲିକମ୍ ରେଗୁଲେଟୋରୀ ଅଫ୍ ଇଣ୍ଡିଆ(TRAI)ର ନୂତନ ଟ୍ୟାରିଫ୍ ଅର୍ଡର ଲାଗୁ ହେତୁ ଏହି ମୂଲ୍ୟ ବୃଦ୍ଧି ପାଉଛି।

୨୦୧୭ ମାର୍ଚ୍ଚରେ TRAI ଟିଭି ଚ୍ୟାନେଲଗୁଡିକର ମୂଲ୍ୟ ସମ୍ବନ୍ଧରେ ଏକ ନୂତନ ଟ୍ୟାରିଫ୍ ଅର୍ଡର (NTO) ଜାରି କରିଥିଲା। ଏହା ପରେ ଜାନୁଆରୀ ୧, ୨୦୨୦ ରିଲିଜ୍ ହୋଇଥିଲା। ଏହି କାରଣରୁ, ସମସ୍ତ ନେଟୱାର୍କଗୁଡିକ NTO ୨.୦ ଅନୁଯାୟୀ ସେମାନଙ୍କ ଚ୍ୟାନେଲଗୁଡିକର ମୂଲ୍ୟ ପରିବର୍ତ୍ତନ କରୁଛନ୍ତି। ଟେଲିକମ୍ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ TRAIର ମତ ଥିଲା ଯେ NTO ୨.୦ଦର୍ଶକଙ୍କୁ କେବଳ ସେହି ଚ୍ୟାନେଲ୍ ବାଛିବା



ଏବଂ ଦେୟ ଦେବାକୁ ବିକଳ୍ପ ଏବଂ ସ୍ୱାଧିନତା ଦେବ, ଯାହାକୁ ସେ ଦେଖିବାକୁ ଚାହିଁବେ। ପ୍ରସାରଣ ନେଟୱାର୍କର ଏକ ବୁକେରେ ଦିଆଯାଇଥିବା ଚ୍ୟାନେଲ୍‌ର ମାସିକ ମୂଲ୍ୟ ୧୫-୨୫ ଟଙ୍କା ମଧ୍ୟରେ ରଖାଯାଇଥିଲା। କିନ୍ତୁ TRAIର ନୂତନ ଟ୍ୟାରିଫ୍ ଅର୍ଡରରେ ଏହି ସର୍ବନିମ୍ନ ମୂଲ୍ୟ ୧୨ ଟଙ୍କା ଧାର୍ଯ୍ୟ କରାଯାଇଛି। ତେଣୁ ଚ୍ୟାନେଲଗୁଡିକ ସେମାନଙ୍କ ଚ୍ୟାନେଲ୍‌ଗୁଡିକର ମାତ୍ର ୧୨ଟଙ୍କା ପ୍ରଦାନ କରିବା ଅତ୍ୟନ୍ତ କ୍ଷତିକାରକ ହୋଇପାରେ। ଏହି କ୍ଷତି ହ୍ରାସ କରିବାକୁ ନେଟୱାର୍କଗୁଡିକ ବୁକେରୁ କିଛି ଲୋକପ୍ରିୟ ଚ୍ୟାନେଲ ନେଇ ସେମାନଙ୍କର ମୂଲ୍ୟ ବୃଦ୍ଧି କରିବାର ଏକ ଉପାୟ ଚିନ୍ତା କରିଛନ୍ତି।

ଷ୍ଟାର ପ୍ଲସ୍, କଲର୍ସ, ଜି ଟିବି, ସୋନି ଏବଂ କିଛି ଆଞ୍ଚଳିକ ଚ୍ୟାନେଲ୍ ଭଳି ଲୋକପ୍ରିୟ ଚ୍ୟାନେଲ୍ ଦେଖିବାକୁ ଦର୍ଶକଙ୍କୁ ୩୫ରୁ ୫୦ ପ୍ରତିଶତ ଅଧିକ ଦେବାକୁ ପଡିବ। ନୂତନ ମୂଲ୍ୟ ଅନୁଯାୟୀ ଯଦି ଜଣେ ଦର୍ଶକ ଷ୍ଟାର ଏବଂ ଡିଜନି ଇଣ୍ଡିଆ ଚ୍ୟାନେଲ ଦେଖିବା ଜାରି ରଖିବାକୁ ଚାହାଁନ୍ତି, ତେବେ ମାସକୁ ୪୯ଟଙ୍କ ବଦଳରେ ସମାନ ସଂଖ୍ୟକ ଚ୍ୟାନେଲ ପାଇଁ ୬୯ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ସୋନି ପାଇଁ ତାଙ୍କୁ ୩୯ ବଦଳରେ ପ୍ରତି ମାସରେ ୭୧ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ZEE ପାଇଁ ୩୯ ଟଙ୍କା ବଦଳରେ ମାସିକ ୪୯ ଟଙ୍କା ଏବଂ Viacom ଚ୍ୟାନେଲ୍ ପାଇଁ ମାସିକ ୨୫ଟଙ୍କା ବଦଳରେ ୩୯ ଟଙ୍କା ଖର୍ଚ୍ଚ କରିବାକୁ ପଡିବ।

# ପ୍ରଥମ ପୃଷ୍ଠାରୁ...

## ମନ୍ତ୍ରୀଙ୍କ...

ଭିଡିଓରେ ପ୍ରକାଶ ପାଇଛି। ଯାହାକୁ ନେଇ ବିରୋଧୀ ଦଳ ତାଙ୍କ ଇସ୍ତଫା କଥାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଇ ଦାବି ଜୋର୍ ଧରିଥିବା ବେଳେ ସାମ୍ବାଦିକ ସମ୍ମିଳନୀ କରି ବିଜେପି ଓ କଂଗ୍ରେସର ନେତାମାନେ ମନ୍ତ୍ରୀଙ୍କୁ ଟାର୍ଗେଟ୍ କରିବାରେ ଲାଗିଛନ୍ତି। ଏହି ମାମଲା ସରଗରମ ଥିବା ବେଳେ ବୁଧବାର ସାଂସଦ ଅପରାଜିତ ଷଡଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅପରାଜିତା ସରକାରଙ୍କୁ କଡା ସମାଲୋଚନା କରିଥିଲେ। ମନ୍ତ୍ରୀ ସଂପୃକ୍ତ ଥିବା କଥା ଉଠୁଥିବାରୁ ଏହାର ନୀରପେକ୍ଷ ତଦନ୍ତ ରାଜ୍ୟସରକାରଙ୍କ ଦ୍ୱାରା ହୋଇପାରିବ ନାହିଁ। ତେଣୁ ଏହାର ସିବିଆଇ ତଦନ୍ତ ହେବା ଆବଶ୍ୟକ। ସରକାର ସବୁ କଥାରେ ଆଇନ୍ ତା ବାଟରେ ଯିବ ବୋଲି କହିଥାନ୍ତି। ହେଲେ ଆଇନ୍‌କୁ ତା ବାଟରେ ଯିବାକୁ ଦିଅନ୍ତିନାହିଁ ବୋଲି ଅପରାଜିତା କହିଛନ୍ତି। ସବୁ ବିଷୟ ଉଠାଇଥିଲେ ବି ଇସ୍ତଫା ପ୍ରସଙ୍ଗକୁ ଏଡାଇ ଯାଇଥିଲେ। ଏପରିକି ସାମ୍ବାଦିକମାନେ ଯେତେବେଳେ ତାଙ୍କ ମନ୍ତ୍ରୀଙ୍କ ଇସ୍ତଫାକୁ ନେଇ ହେଉଥିବା ଦାବି ସଂକ୍ରାନ୍ତରେ ପଚାରିଥିଲେ ବା ତାଙ୍କ ମତ ଲୋଡିଥିଲେ, ସେତବେଳେ ସେ ପ୍ରସଙ୍ଗରୁ ଏଡାଇଗଲେ, ଭିନ୍ନ କଥା କହିଲେ, ଦାବିକୁ ଏଡାଇଲେ। ଏହି ପ୍ରଶ୍ନର ଉତ୍ତରରେ ସେ କହିଲେ ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଉଦ୍‌ବେଗ ପ୍ରକାଶ ପାଇବା କଥା। ଆମ ସମସ୍ତଙ୍କର ଅନ୍ତର ଆତ୍ମା ଥାଏ। ରାଜ୍ୟ ସରକାରଙ୍କର ବି ଅନ୍ତର ଆତ୍ମା ଅଛି। ଆପଣମାନେ ସମସ୍ତେ ଭାବନ୍ତୁ କେଉଁ ପରିସ୍ଥିତିରେ ସେ ଝିଅକୁ ହତ୍ୟା କରାଯାଇଛି। ରାଜ୍ୟ ସରକାରଙ୍କର ପ୍ରକୃତରେ ଯଦି ଇଚ୍ଛାଶକ୍ତି ଥାଆନ୍ତା ଆମ ରାଜ୍ୟର ୨ କୋଟି ୨୫ ଲକ୍ଷ ଓ ତାଙ୍କର ମର୍ଯ୍ୟାଦା ରକ୍ଷା ହେଉ ତାହେଲେ ନିଶ୍ଚିତ ଭାବରେ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ନେଇଥାଆନ୍ତେ। କିନ୍ତୁ କାର୍ଯ୍ୟାନୁଷ୍ଠାନ ଏପର୍ଯ୍ୟନ୍ତ ହୋଇନି। ଗୋବିନ୍ଦକୁ ଗିରଫ କରିବା ଏକ ଟିପ ଅଫ୍ ଆଇସ୍ ବର୍ଗ। ବହୁ କିଛି କଥା ଅଛି, ଯେଉଁଥିରେ ନୀରପେକ୍ଷ ତଦନ୍ତ ହେଲେ ବାହାରିବ। ଏଥିରୁ ଯେଉଁ ପ୍ରସଙ୍ଗକୁ ବିଜେପି ଗୁରୁତ୍ୱ ଦେଉଛି, ଅପରାଜିତା ସେଥିରୁ ଦୂରେଇଯିବା ପଛରେ ରହସ୍ୟ ରହିଛି ବୋଲି କୁହାଯାଉଛି। ବିଜେପି ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବୁଧବାର କଳାହାଣ୍ଡି ବନ୍ଦ କରିଥିଲା। ଗୁରୁବାର ବଲାଙ୍ଗୀର ବନ୍ଦ କରିଛି। ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀଙ୍କ ଘର ଉପରକୁ ଅଣ୍ଡାମାଡ କରାଯାଇଛି ଓ ବିକ୍ଷୋଭ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ବିକ୍ଷୋଭ ହୋଇଛି। ଏଥିରୁ ବିଜେପି ଏହି ପ୍ରସଙ୍ଗକୁ କେତେ ଗୁରୁତ୍ୱ ଦେଉଛି ତାହା ସ୍ପଷ୍ଟ। ହେଲେ ଅପରାଜିତା ଏହାକୁ ଗୁରୁତ୍ୱ ନ ଦେବା ପଛରେ ନିଶ୍ଚିତ କାରଣ ରଖୁଛି ବୋଲି କୁହାଯାଉଛି।

ଅପରାଜିତାଙ୍କ ଭିନ୍ନ ଦେବା ପଛରେ କୁହାଯାଉଛି ଯେ, ଦଳର ସବୁ ଘଟଣାରେ ଅପରାଜିତା ହଁ ମାରିବାକୁ ପ୍ରସ୍ତୁତ ନୁହଁନ୍ତି। ନିକଟରେ ଅପରାଜିତା ରାୟଗଡା ଜିଲ୍ଲା ଗସ୍ତରେ ଯାଇଥିଲେ। ସେ ନିଜର କିଛି ସଂସ୍ଥା ଖୋଲିଛନ୍ତି, ଯାହାର କାର୍ଯ୍ୟକ୍ରମକୁ ନେଇ ବିଭିନ୍ନ ଜିଲ୍ଲା ଗସ୍ତ କରୁଛନ୍ତି। ଅପରାଜିତା ନିକଟରେ ରାୟଗଡା ଜିଲ୍ଲାକୁ ତାଙ୍କ ସଂସ୍ଥାର କାର୍ଯ୍ୟକ୍ରମ ପାଇଁ ଯାଇଥିଲେ। ସେ ଯିବା ପୂର୍ବରୁ ଜିଲ୍ଲା ସଭାପତିଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ, ବିଜେପିର କୌଣସି କର୍ମୀ ଯେପରି ଅପରାଜିତାଙ୍କ କାର୍ଯ୍ୟକ୍ରମରେ ଯୋଗ ନ ଦିଅନ୍ତି। ଜିଲ୍ଲା ସଭାପତି ମଧ୍ୟ ଦଳୀୟ କର୍ମୀଙ୍କ ଉପରେ ଫତୁଆ ଜାରି କରିଥିଲେ। ଏଣୁ ଅପରାଜିତା ଆଉ ବିଜେପି ରାଜ୍ୟ ନେତୃମଣ୍ଡଳୀ ଭିନ୍ନ ଭିନ୍ନ ମାର୍ଗରେ ଯାଉଥିବା ସ୍ପଷ୍ଟ ହେଉଛି। ଭୁବନେଶ୍ୱର ମହିଳା ମୋର୍ଚ୍ଚା ପକ୍ଷରୁ ହୋଇଥିବା ରାଲି ଓ ବିକ୍ଷୋଭରେ ମଧ୍ୟ ଅପରାଜିତା ସାମିଲ୍ ହେଲେ ନାହିଁ। ଦଳୀୟ ନେତୃବୃନ୍ଦଙ୍କ ସହ ତାଙ୍କର ମତ ସ୍ପଷ୍ଟ ବାରି ହୋଇପଡୁଛି। ମନ୍ତ୍ରୀଙ୍କ ଇସ୍ତଫା ଦାବି ସଂପର୍କରେ ଇସ୍ତଫା ଦାବିକୁ ଶାସକ ଦଳ ବିରୋଧ କରୁଛି। ଘଟଣାର ତଦନ୍ତ ହେଉଛି, ଘଟଣାରେ ଯିଏ ଦୋଷୀ ସାବ୍ୟସ୍ତ ହେବ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସିଏ ମନ୍ତ୍ରୀ ହୁଅନ୍ତୁ ବା ଯିଏ ହୁଅନ୍ତୁ ବୋଲି ବିଜେଡି କହିଛି।

## ମହିଳା...

ମାମଲାରେ ଗୋଟିଏ ଏଫଆୟାର ରୁଜୁ ହୋଇଥିବାରୁ ସମାନ ମାମଲାରେ ଆଉ ଗୋଟିଏ ଏଫଆୟାର ହୋଇପାରିବ ନାହିଁ। ଏହା ଜାଣି ମଧ୍ୟ ସେମାନେ ଗତ କାଲି ସେମାନେ ଭୁବନେଶ୍ୱର କ୍ୟାପିଟାଲ୍ ଥାନାକୁ ଆସି ଆଉ ଗୋଟିଏ ଏଫଆୟାର ଦେଇଛନ୍ତି। ଏଥିରୁ ଜଣାପଡୁଛି **କିଏ କେତେ ଅଧିକ ଟିଭିରେ ଗୋରା ଓ ସୁନ୍ଦର ମୁହଁ ଦେଖାଇବ** ସେଥିପାଇଁ ବିଜେପି ନେତାଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଥିବାରୁ ସେମାନେ ଏଭଳି ନିମ୍ନ ରୁଚିର କାର୍ଯ୍ୟ କରୁଛନ୍ତି। ଅନୁରୂପ ଭାବେ ଏହି ଘଟଣାରେ ବିଜେପି ନେତାମାନେ ଅତି ତଳସ୍ତରର ରାଜନୀତି କରି କଳାହାଣ୍ଡି ଜିଲ୍ଲାର ଶିକ୍ଷାନୁଷ୍ଠାନରେ ଥିବା ହଜାର ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନଷ୍ଟ କରୁଛନ୍ତି।

ବିଜେଡି ପ୍ରବକ୍ତା କହିଛନ୍ତି ଯେ ସାରା ଓଡ଼ିଶା ଏପରିକି ସାରା ଭାରତ ଜାଣିଛି ଯେ ଉତ୍ତର ପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଏବଂ ଆସାମ ଭଳି ବିଜେପି ଶାସିତ ରାଜ୍ୟ ଗୁଡିକରେ ମହିଳାଙ୍କ ବିରୁଦ୍ଧରେ ହେଉଥିବା ଜଘନ୍ୟ ଅପରାଧ ମାମଲା ସର୍ବାଧିକ ରହିଛି। ପ୍ରତି ମାସରେ ବିଜେପି ଶାସିତ ରାଜ୍ୟରେ ମହିଳାଙ୍କ ବିରୁଦ୍ଧରେ ହେଉଥିବା ଜଘନ୍ୟ ଅପରାଧ ମାମଲା ସଂଖ୍ୟା ବଢି ବଢି ଚାଲିଛି ଏବଂ ସଂଖ୍ୟାଧିକ ମାମଲାରେ ବିଜେପି ନେତାମାନେ ଜଡିତ।

ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ ଭାବରେ ବିଭିନ୍ନ ମାମଲାରେ ଓଡ଼ିଶା ବିଜେପି ପୂର୍ବରୁ ଅଦାଲତର ଦ୍ୱାରସ୍ଥ ହୋଇଛି। ଏବଂ ସବୁ ଘଟଣାରେ ମାନ୍ୟବର ଅଦାଲତ ସେମାନଙ୍କ ଆବେଦନକୁ ଗ୍ରହଣ କରିନାହାଁନ୍ତି। ସତ କ'ଣ ଜାଣିବା ସତ୍ତ୍ୱେ ଓଡ଼ିଶା ବିଜେପି ଶସ୍ତା ରାଜନୀତି କରିବାକୁ ଚେଷ୍ଟା କରିଥାଏ, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ।

କଳାହାଣ୍ଡିର ଜନସାଧାରଣ ଓ ଓଡ଼ିଶାବାସୀ ଓଡ଼ିଶା ବିଜେପି ମହିଳା ମୋର୍ଚ୍ଚାର ମିଥ୍ୟା ଓ ଭିତ୍ତିହୀନ ଆଚରଣକୁ ଦେଖୁଛନ୍ତି ଏବଂ ମହିଳା ହିଂସା ଭଳି ସମ୍ବେଦନଶୀଳ ଘଟଣାକୁ ନେଇ ସେମାନେ ଯେଉଁ ନିମ୍ନ ରୁଚିର ରାଜନୀତି କରୁଛନ୍ତି ସେଥିପାଇଁ ଆଦୌ କ୍ଷମା କରିବେ ନାହିଁ ବୋଲି ବିଜେଡି ପ୍ରବକ୍ତା ଶ୍ରୀମତୀ ଦାସ ଓ ସୁଶ୍ରୀ ସାହୁ କହିଛନ୍ତି।

# ଭୁଲ୍‌ରେ ବି ଫିଙ୍ଗନ୍ତୁ ନାହିଁ ବାସି ରୁଟି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ରାତିରେ ବଳି ଯାଇଥିବା ଖାଦ୍ୟକୁ ସକାଳେ ଡଷ୍ଟବିନ୍‌ରେ ଫିଙ୍ଗିବା ଅଭ୍ୟାସ ଅନେକଙ୍କ ରହିଛି। ଖାଦ୍ୟ ନଷ୍ଟ ନ ହୋଇଥିବା ସତ୍ତ୍ୱେ ଏହାକୁ ବେପରୁଆ ଭାବେ ଫିଙ୍ଗି ଦିଅନ୍ତି। ଫୁଡ୍ ଆଣ୍ଡ୍ ଏଗ୍ରିକଲଚର ଅର୍ଗାନାଇଜେସନର ରିପୋର୍ଟ ମୁତାବକ, ଭାରତରେ ପ୍ରତିବର୍ଷ ପ୍ରାୟ ୪୦ ପ୍ରତିଶତ ଖାଦ୍ୟ ନଷ୍ଟ ହେଉଛି। ତେବେ ଅନେକ ଲୋକେ ଏଭଳି ମଧ୍ୟ ଅଛନ୍ତି ଯିଏକି ରାତିରେ ବଳି ଯାଇଥିବା ରୁଟିକୁ ମଧ୍ୟ ଫୋପାଡି ଦିଅନ୍ତି। ତେବେ ଭୁଲରେ ମଧ୍ୟ ଏହି ବାସି ରୁଟିକୁ ଫିଙ୍ଗନ୍ତୁ ନାହିଁ। ଏହାର ଅନେକ ଲାଭ ରହିଛି। ବାସି ରୁଟି ଖାଇବା ମଧୁମେହ ରୋଗୀଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ। ପ୍ରତିଦିନ ସକାଳେ କ୍ଷୀର ସହିତ ବାସି ରୁଟି ଖାଇଦା ଦ୍ୱାରା ଶରୀରରେ ଥିବା ସର୍କରା ମାତ୍ରା ସନ୍ତୁଳିତ ରହିଥାଏ। ଏହା ଶରୀରକୁ ଇନ୍‌ଫ୍ଲାମେସନ ଜନିତ ସମସ୍ୟାରୁ ଆରାମ ମଧ୍ୟ ଦେଇଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ବାସି ରୁଟି ଖାଇବା ମଧ୍ୟ ଅତ୍ୟନ୍ତ ଲାଭଦାୟକ। ସକାଳେ ଥଣ୍ଡା କ୍ଷୀର ସହିତ ବାସି ରୁଟି ଖାଇ ଉଚ୍ଚ ରକ୍ତଚାପକୁ ସହଜରେ ନିୟନ୍ତ୍ରଣ କରାଯାଇପାରିବ। ପେଟ ଜନିତ ସମସ୍ୟା, ଅମ୍ଳତା ଏବଂ କୋଷ୍ଠକାଠିନ୍ୟରେ ପୀଡିତ ଲୋକମାନେ ମଧ୍ୟ ରୁଟିରୁ ଆରାମ ପାଇପାରିବେ। ସକାଳେ ଏହାକୁ କ୍ଷୀର ସହିତ ଖାଇବା ଦ୍ୱାରା



ଆପଣ ଅମ୍ଳତା ଏବଂ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ପାଇପାରିବେ। ଖୁବ୍ କମ୍ ଲୋକ ଜାଣିଥିବେ ଯେ ଜିମ୍ ଯାଉଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ବାସି ରୁଟି ଲାଭଦାୟକ ଅଟେ। ଯେଉଁମାନେ ଜିମ୍‌ରେ ମାଂସପେଶୀ ବଢାଇବା ଲାଗି ଯାଉଥିବା ବ୍ୟକ୍ତି ବାସି ରୁଟି ଖାଇବାରର ଅନେକ ଲାଭ ଅଛି। ତାଜା ରୁଟି ଅପେକ୍ଷା ଅଧିକ ପୁଷ୍ଟିକର ହୋଇଥାଏ ବାସି ରୁଟି। କାରଣ ଏହାକୁ ଦୀର୍ଘ ସମୟ ଧରି ରଖିବା କାରଣରୁ ଏଥିରେ ଥିବା ଜୀବାଣୁ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରନ୍ତି। କିନ୍ତୁ ରୁଟି ଯେପରି ୧୨ରୁ ୧୬ ଘଣ୍ଟାକୁ ଅଧିକ ସମୟ ପର୍ଯ୍ୟନ୍ତ ବାସି ନ ହେବ ସେଥିପ୍ରତି ଧ୍ୟାନ ରଖିବା ଉଚିତ।

# ଉମାଚରଣ ପଟ୍ଟନାୟକଙ୍କୁ ମରଣୋତ୍ତର ସମ୍ମାନ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ବ୍ରହ୍ମପୁର କ୍ଷେତ୍ର ଜନ ସମ୍ପର୍କ କାଯର୍ୟାଳୟ ତରଫରୁ ଚିକିଟି ବ୍ଲକ ଅନ୍ତର୍ଗତ କତୁରୁ ଗ୍ରାମରେ ଆୟୋଜିତ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଗଞ୍ଜାମ ଜିଲାର ମହାନ୍ ସତ୍ୟାଗ୍ରହୀ ଓ ଗାନ୍ଧୀବାଦୀ ଉମାଚରଣ ପଟ୍ଟନାୟକଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ତାଙ୍କ ପୁତ୍ରବଧୂ ଉର୍ମିଳା ପଟ୍ଟନାୟକଙ୍କୁ ସଭା ମଞ୍ଚରେ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ସଭାପତି ତଥା ବରିଷ୍ଠ ସାମ୍ବାଦିକ ରବି ରଥ ଓ ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ବେହେରା ପ୍ରମୁଖ ମାନପତ୍ର ଓ ଉପଢ୍ୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଉକ୍ତ କାଯର୍ୟକ୍ରମକୁ କ୍ଷେତ୍ର ପ୍ରଚାର ଅଧିକାରୀ ମନମୋହନ ପାଢ଼ୀ ପରିଚାଳନା କରିଥିଲେ।

କତୁରୁ ଗ୍ରାମରେ ଚଳିତ ୨୦ ଓ ୨୧ ତାରିଖ ଦୁଇଦିନ ଧରି ସ୍ୱାଧୀନତାର ଅମୃତ ମହୋତ୍ସବ, ୭୫ ବର୍ଷରେ ଭାରତ, ସ୍ୱଚ୍ଛ ଭାରତ ଅଭିଯାନ, ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ ଇତ୍ୟାଦି ବିଷୟ ଉପରେ ବ୍ୟାପକ ଜନ ସଚେତନତା କାଯର୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ଗ୍ରାମର ଯୁବକମାନଙ୍କୁ ନେଇ ଗ୍ରାମ ସଫେଇ କାଯର୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିନା ଛୁଞ୍ଚିରେ ଶିଶୁଙ୍କୁ କରୋନା ଟିକା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିନା ଛୁଞ୍ଚିରେ ଶିଶୁଙ୍କୁ ଦିଆଯିବ କରୋନା ଟିକା। ଯେହେତୁ ପିଲାମାନେ ଇଞ୍ଜେକ୍‌ସନ୍‌କୁ ଦେଖିଲେ ଡରନ୍ତି। ତେଣୁ ସେମାନଙ୍କୁ **"ଫର୍ମା ଡେଫ୍‌ଥ ଟେକ୍ନୋଲୋଜି"** ମାଧ୍ୟମରେ ଟିକା ଦିଆଯିବ। ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆସିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପ୍ରାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି। ରାଜ୍ୟରେ ୨ ବର୍ଷରୁ ୧୮ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ଟିକା ଦିଆଯିବ। ରାଜ୍ୟରେ ୧ କୋଟି ୪୦ଲକ୍ଷ ଶିଶୁ ଅଛନ୍ତି। ଯଦି ଏକା ସଙ୍ଗେ ଆମେ ଶିଶୁମାନଙ୍କୁ ଟିକା ଦେବା ପାଇଁ ଆରମ୍ଭ କରିବୁ, ତେବେ ଆମକୁ ଟିକାକରଣ କେନ୍ଦ୍ର ବଢାଇବାକୁ ପଡିବ। ନିର୍ଦ୍ଦେଶ ଆସିବା ମାତ୍ରେ ଆମେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିବୁ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି। ସେମାନଙ୍କୁ ଡିସିଜିଆଇ ପକ୍ଷରୁ ସ୍ୱୀକୃତିପ୍ରାପ୍ତ ଭାରତ ବାୟୋଟେକର କୋଭାକ୍ସିନ୍ ଟିକା ଦିଆଯିବ।



ବର୍ତ୍ତମାନ ସୁଦ୍ଧା ୩ କୋଟି ୫୦ଲକ୍ଷ ଡୋଜ୍ ଟିକା ଦିଆସାରିଲାଣି। ଏଥିମଧ୍ୟରୁ ଏଜାବତ ୨ କୋଟି ୪୭ ଲକ୍ଷ ପ୍ରଥମ ଡୋଜ୍ (୭୮%) ଓ ଏକ କୋଟି ୩ ଲକ୍ଷ ଦ୍ୱିତୀୟ ଡୋଜ୍(୩୩%) ଦିଆସରିଛି। ଏବେ ୧୮୩୦ ଟିକା କେନ୍ଦ୍ରରେଟିକା କରଣ କରାଯାଉଛି। ବର୍ତ୍ତମାନ ରାଜ୍ୟରେ ୨୪ଲକ୍ଷ ଟିକା ମହଜୁତ ଅଛି ବୋଲି ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# କମିଶନରେଟ୍ ପୋଲିସ୍‌ର ଖୋଳତାଡ, ମନୀଷ ଫେରିବେ କି ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁତ୍ର ମନୀଷ ଅନୁରାଗଙ୍କ ହତ୍ୟାକାଣ୍ଡ ଘଟଣାର ଖୋଳତାଡ କରୁଥିବା କମିଶନରେଟ୍ ପୋଲିସ୍‌କୁ ସମଗ୍ର ଭୁବନେଶ୍ୱରବାସୀ ଧନ୍ୟବାଦ ଜଣାଉଛନ୍ତି। କିନ୍ତୁ କୁହାଯାଉଛି ପୋଲିସ୍ ଯେଉଁ ତରିକାରେ ବା ଆକ୍ସନ ମୁଡ୍‌ରେ ତଦନ୍ତ କରୁଛି ବା ଖୋଳତାଡ କରୁଛି ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁତ୍ର ମନୀଷ ଅନୁରାଗ ଫେରିବେ କି? ବୋଲି ପ୍ରଶ୍ନ କରୁଛନ୍ତି। ପୋଲିସ୍ ତଦନ୍ତ କରୁଥିବା ସମୟରେ ଦିନକୁ ଦିନ ନୂତନ ତଥ୍ୟ ମିଳିବାରେ ଲାଗିଛି। କରୋନା କଟକଣାକୁ ସଂପୂର୍ଣ୍ଣ ଉଲ୍ଲଂଘନ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ବିନା ଅନୁମତି ପତ୍ରରେ ବେଆଇନ୍ ଭାବେ ବାର୍ ଚାଲୁଥିବାରୁ ମନୀଷଙ୍କ ମୃତ୍ୟୁ ଘଟିଲା ବୋଲି କୁହାଯାଉଛି। କମିଶନରେଟ୍ ପୋଲିସ୍‌ର କରୋନା କଟକଣାକୁ ଭୟ କରି ରାତି ୮ଟାରେ ପରେ ସହରବାସୀ କବାଟ କିଳି ନିଜ



ଘରେ ରହୁଥିବା ବେଳେ ବାର୍ ଚାଲୁଥିବାକୁ ସ୍ଥାନୀୟ ପୋଲିସ୍ ଜାଣିଥିଲା କି ନାହିଁ ପ୍ରଥମ ପ୍ରଶ୍ନ ହେଉଛି। ଦ୍ୱିତୀୟରେ ଘଟଣା ଦିନ କ'ଣ କେବଳ ବାର୍ ଖୋଲିଥିଲା? ପୂର୍ବରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ବାର୍ ଚାଲୁନଥିଲା କି? ବୋଲି ପ୍ରଶ୍ନ ହେଉଛି। ତେବେ ସ୍ଥାନୀୟ ପୋଲିସ୍ ବା ନିକଟତମ ପୋଲିସ୍ ଷ୍ଟେସନ୍‌ଠାରୁ ମାତ୍ର କେତେହାତ ବାଟରେ ବାର୍ ଚାଲୁଥିବାକୁ ପୋଲିସ୍ ଜାଣିଥିଲା କି ନାହିଁ? ମନୀଷଙ୍କ ମୃତ୍ୟୁ ପରେ କେବଳ କ'ଣ ତା'ର ସାଙ୍ଗମାନେ ଦାୟୀ କି? ଉକ୍ତ ହୋଟେଲ୍‌କୁ ଲିଜ୍ ଆକାରରେ ନେଇଥିବା କନଷ୍ଟେବଲ, ମଧ୍ୟ ରାତ୍ରି ପର୍ଯ୍ୟନ୍ତ ବାର୍ ଚଳାଇ ଆସୁଥିବା ଏହା କେବେଠାରୁ ଚାଲିଆସୁଥିଲା? କିପରି ଚାଲିଆସୁଥିଲା? ସେଠାରେ ପୋଲିସ୍ ଦାୟିତ୍ୱରେ ଥିବା କରୁଥିଲେ କ'ଣ? ଏସବୁକୁ ଅନୁଧ୍ୟାନ କଲେ ସସ୍‌ପେଣ୍ଡ, ବଦଳି କ'ଣ ପନିସମେଣ୍ଟ କୁହାଯିବ କି? ଏସବୁ କଲେ କ'ଣ ମନୀଷ ଫେରିଆସିବେ କି? କମିଶନରେଟ୍ ପୋଲିସ୍‌ର ଅପାରଗତା ବା ଦୁର୍ବଳ ପ୍ରଶାସନିକ ବ୍ୟବସ୍ଥା ଯୋଗୁଁ ବେଆଇନ୍‌ଭାବେ ସାଉଥ୍‌ସିଟି ବାର୍ ଚାଲିଆସୁଥିବା ଏବଂ ମନୀଷଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ମନୀଷଙ୍କ ମୃତ୍ୟୁ ଘଟଣାରେ ଅବହେଳା କରୁଥିବା ପୋଲିସ୍ ଦାୟୀ ରହିବା ଉଚିତ୍ ବୋଲି ସାଧାରଣରେ କୁହାଯାଉଛି।

# ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡା ଶିକ୍ଷକ ନିଯୁକ୍ତି ପରୀକ୍ଷାର ଫଳ, କୃତକାର୍ଯ୍ୟ ହେଲେ ୫୫୦ ପ୍ରାର୍ଥୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ରାଜ୍ୟର ସରକାରୀ ମାଧ୍ୟମିକ ବିଦ୍ୟାଳୟଗୁଡିକରେ ଖାଲିଥିବା କ୍ରୀଡା ଶିକ୍ଷକ ପଦବୀରେ ନିଯୁକ୍ତି ନିମନ୍ତେ ଗତ ୫ ତାରିଖରେ ହୋଇଥିବା ଅନ୍‌ଲାଇନ୍ ପରୀକ୍ଷାର ଫଳ ଚୂଡାନ୍ତ ହୋଇଛି। ମୋଟ ୫୫୦ ପ୍ରାର୍ଥୀ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ସାଧାରଣ ବର୍ଗର ୧୦୪, ଏସ୍‌ଇବିସି ବର୍ଗର ୩୮୦, ଅନୁସୂଚିତ ଜାତି ବର୍ଗର ୪୮ ଓ ଅନୁସୂଚିତ ଜନଜାତି ବର୍ଗର ୧୮ ପ୍ରାର୍ଥୀ ଅଛନ୍ତି। ପ୍ରାର୍ଥୀମାନେ ତାଙ୍କ ପରୀକ୍ଷା ଫଳ ୱେବ୍‌ସାଇଟ୍ dseodisha.inରେ ଲଗ୍‌ଇନ୍ କରି ଦେଖି ପରିବେ। ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥୀମାନଙ୍କର ଡକ୍ୟୁମେଣ୍ଟ ଯାଞ୍ଚ ଆସନ୍ତା ୨୯ ତାରିଖରୁ ନିଜ ସ୍ଥାୟୀ ଠିକଣା ଜିଲ୍ଲାରେ ହେବ। ଏହା ପାଇଁ ସବିଶେଷ ସୂଚନା ଖୁବ୍ ଶୀଘ୍ର ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ। ଏହି ସୂଚନା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସୂତ୍ରରୁ ହସ୍ତଗତ ହୋଇଛି।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଅକ୍ଟୋବର ୨୫ ରୁ ୩୧, ୨୦୨୧, ଜଗତସିଂହପୁର

October 25 to 31, 2021, Jagatsinghpur

www.samparkabarta.in




# ନେମାଳର ଛାତ୍ରୀ ଅପହରଣକୁ ୮ ମାସ ପୁରିଲା

**କଟକ(ସଂପର୍କ ବାର୍ତ୍ତା):-** ବିଦ୍ୟାଳୟର ଛାତ୍ରୀ ନିବାସରେ ରହି ପାଠ ପଢୁଥିଲା । ହେଲେ ହଠାତ୍ ସ୍କୁଲରୁ କେଉଁଆଡେ ନିଖୋଜ ହୋଇଗଲା ୧୫ ବର୍ଷୀୟ ନାବାଳିକା । ଇତି ମଧ୍ୟରେ ୮ମାସରୁ ଅଧିକ ସମୟ ବିତିଗଲାଣି । ହେଲେ ନାବାଳିକା ତଥା ଛାତ୍ରୀଙ୍କ ପତ୍ତା ମିଳିଲାନି । ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା ରୁଜୁକରି ଚୁପ୍ ହୋଇ ବସିପଡିଲା। ପରିବାର ଲୋକେ ଝିଅକୁ ନପାଇ ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୁଲିସ ନ୍ୟାୟ ଦେବାରେ ବିଫଳ ହୋଇଛି । କଟକ ଜିଲ୍ଲା ନେମାଳ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି । ପୁଲିସର ତଦନ୍ତରେ ନିଷ୍କ୍ରିୟତା ଯୋଗୁ ହିଁ ନାବାଳିକାର ପତ୍ତା ମିଳିପାରି ନ ଥିବା ଅଭିଯୋଗ ହୋଇଛି । ଏହି ଘଟଣା ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କ୍ରାଇମବ୍ରାଞ୍ଚ ଏଡିଜିଙ୍କ ନିକଟରେ ଦାବି ହୋଇଛି ।

ନେମାଳ ଥାନା ବୁହାଲୋପୁର ଅଞ୍ଚଳରେ ଏକ ଘରୋଇ ଶିକ୍ଷାନୁଷ୍ଠାନ ରହିଛି । ସେଠାରେ ୧୦ବର୍ଷ ହେବ ଯାଜପୁର ଧାନମଣ୍ଡଳ ଅଞ୍ଚଳର ଅର୍ପିତା ଗିରି(୧୫) ପାଠ ପଢନ୍ତି । ସେ ଉକ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀ ନିବାସରେ ରହୁଥିଲେ । ଗତ ଜାନୁଆରୀ ୩୧ତାରିଖ ପୂର୍ବାହ୍ନରେ ସ୍କୁଲର ସମ୍ପାଦକ କୌଣସି କାର୍ଯ୍ୟରେ ବଜାରକୁ ଯାଇଥିଲେ । ସେ ଫେରିବା ପରେ ଅର୍ପିତାକୁ ସ୍କୁଲରେ ଦେଖିବାକୁ ମିଳି ନ ଥିଲା । ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଅର୍ପିତାଙ୍କ ପତ୍ତା ମିଳି ନ ଥିଲା । ଅର୍ପିତା ନିଖୋଜ ହୋଇଥିବା ନେଇ ସମ୍ପାଦକ ଲାଲ ସ୍ୱାନୀୟୀ ନେମାଳୋ ଥାନାରେ ଅଭିଯୋଗ କରିଥିଲେ । ଛାତ୍ରୀ ଜଣକ ନାବାଳିକା ହୋଇଥିବାରୁ ପୁଲିସ ଏକ ଅପହରଣ ମାମଲା ରୁଜୁକରିଥିଲା । ତେବେ ଅର୍ପିତା ନିଖୋଜ ହେବାକୁ ଇତିମଦ୍ଧ୍ୟରେ ୮ମାସରୁ ଅଧିକ ସମୟ ବିତିଲାଣି । ହେଲେ ତାଙ୍କର ପତ୍ତା ମିଳିପାରିନାହିଁ । ତେବେ ସ୍କୁଲ ପରିସରରୁ ଅର୍ପିତା ଗଲେ କୁଆଡେ ନାଁ ତାଙ୍କୁ କେହି ଯୋଜନାବଦ୍ଧ ଭାବେ ଅପହରଣ କରିନେଇଛି । ଏ ନେଇ ଏବେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି । ପରିବାର ଲୋକେ ମଧ୍ୟ ଝିଅକୁ ଖୋଜି ନୟାନ୍ତ ହୋଇ ସାରିଲେଣି । ଫଳରେ ସେମାନଙ୍କ ମନରେ ଏବେ ନାନାଦି ଆଶଙ୍କା ସୃଷ୍ଟି ହୋଇଛି । ପୁଲିସ କେବଳ ମାମଲା ରୁଜୁକରି ବସି ପଡିବାରୁ ଜଣେ ଅପହୃତା ନାବାଳିକାର ପତ୍ତା ମିଳିପାରି ନଥିବା ସେଣ୍ଟରେ ଫର ଆକ୍ସେସ ଟୁ ଜଷ୍ଟିସ୍ ପକ୍ଷରୁ ଦାବି କରାଯାଇଛି । ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଛାତ୍ରୀଙ୍କୁ ଉଦ୍ଧାର କରିବାକୁ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ ଲିଗାଲ୍ ଏଡ୍ କ୍ଲିନିକ୍‌ର ପୋଗ୍ରାମ ଆସୋସିଏଟ୍ ଦୁର୍ବାଦଳ ମନ୍ତ୍ରୀ କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବା ସହ ନାବାଳିକାକୁ ଉଦ୍ଧାର ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣକ କରାଯିବ ବୋଲି ଏଡିଜି ସୂଚନା ଦେଇଛନ୍ତି ।

# ବିଜୁ ପଟ୍ଟନାୟକଙ୍କ ସହିତ ଥିଲା ପ୍ରଦୀପ ପରିବାରର ସଂପର୍କ

**ଲକ୍ଷ୍ମୀପୁର(ସଂପର୍କବାର୍ତ୍ତା):-** କିଛି ମାସ ଧରି ଅବିଭକ୍ତ କୋରାପୁଟ ଜିଲ୍ଲାରେ ଲାଗି ରହିଥିବା ଅନ୍ତଃକନ୍ଦଳ ବାଦାନୁବାଦର ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ପଡିଛି । ଶେଷରେ ରାଜ୍ୟ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଦଳରୁ ଇସ୍ତଫା ଦେଇଛନ୍ତି । ପ୍ରଦୀପଙ୍କ ବାପା ଭଗବାନ ମାଝୀ ପୂର୍ବରୁ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଜନତା ଦଳରେ ଥିଲେ । ଏପରିକି ସେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିବା ସମୟରେ ତାଙ୍କୁ ନବରଙ୍ଗପୁର ନେଇ



ରାଜ୍ୟସଭାକୁ ପଠାଇଥିଲେ । ସେ ୧୯୯୪ ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତ ବିଜୁ ଜନତା ଦଳର ଓଡ଼ିଶା ପାଇଁ ରାଜ୍ୟସଭା ସଦସ୍ୟ ଥିଲେ । ସେହିପରି ପ୍ରଦୀପ କଂଗ୍ରେସରେ ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦରୁ ରାଜନୈତିକ ଜୀବନ ଆରମ୍ଭ କରି ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀର ସାଂସଦ ଥିବା ବେଳେ ୨୦୧୪ ନିର୍ବାଚନରେ ବିଜୁ ଜନତା ଦଳର ବଳଭଦ୍ର ମାଝୀଙ୍କ ଠାରୁ ପରାଜିତ ହୋଇଥିଲେ ।

# ‘ମହିମା ସ୍କୁଲ ଅଫ୍ ନର୍ସିଂ’ରେ ‘ଆପୋଲ’ର କାଉସେଲିଂ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସଦରମହକୁମାର ମକୁନ୍ଦପୁର ଠାରେ ଥିବା ମହିମା ସ୍କୁଲ ଅଫ ନର୍ସିଂ ଅନୁଷ୍ଠାନ ପରିସରରେ ଆପୋଲ ହେଲଥ୍ କେୟାର ଲିମିଟେଡ କଲିକତା ପକ୍ଷରୁ ଆଜି ନିଯୁକ୍ତି ସୁଯୋଗ ନିମନ୍ତେ ନର୍ସିଂ ଛାତ୍ରଛାତ୍ରୀମାନଙ୍କୁ ଚୟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆପୋଲ ହେଲଥ୍ କେୟାର ଲିମିଟେଡ କଲିକତା ଏଚ୍.ଆର.ମ୍ୟାନେଜର ସନ୍ତୁ ଦୁବେ, କ୍ଲିନିକାଲ ଆସିଷ୍ଟାଣ୍ଟ ଦୀପଙ୍କର ସିଲ୍, ମାର୍କେଟିଂ ମ୍ୟାନେଜର ଭୁବନେଶ୍ୱର ସନ୍ତୋଷ କୁମାର ଜେନା ଯୋଗଦେଇ ନର୍ସିଂ ଛାତ୍ର ଛାତ୍ରୀମାନଙ୍କୁ କାଉନସେଲିଂ କରି ଚୟନ କରିଥିଲେ । ଏଥିରେ ବି.ଏନ୍.ଏମ୍ ଓ ଏ.ଏନ୍.ଏମ୍‌ର ପରୀକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ




ଭାଗନେଇ ନିଯୁକ୍ତି ଚୟନରେ ଯୋଗଦାନ କରିଥିଲେ । ସ୍କୁଲର ଅଧ୍ୟକ୍ଷା ଡକ୍ଟର ଫୁଲଣା କୁମାରୀ ଦେଇ ଓ କସ୍ତୁରବା ଗାନ୍ଧୀ ଏ.ଏନ୍.ଏମ୍ ତାଲିମ କେନ୍ଦ୍ରର ଅଧ୍ୟକ୍ଷା ଅଳକାନନ୍ଦା ମହାପାତ୍ର,ଏବଂ ଅନୁଷ୍ଠାନର ଟ୍ୟୁଟର ଝାନସୀ ରାଣୀ ନାୟକ,କଳ୍ପନା ବେହେରା ଓ ଶୈଳବାଳା ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି କ୍ୟାମ୍ପସରେ ଚୟନରେ ଭାଗନେଇଥିବା ଛାତ୍ରଛାତ୍ରୀ ମାନେ କଲିକତା,ହାଇଦ୍ରାବାଦ ଏବଂ ଭୁବନେଶ୍ୱର ରେ ନିଯୁକ୍ତି ପାଇବେ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଆପୋଲ ଭଳି ଏକ ଅଗ୍ରଣୀ ଅନୁଷ୍ଠାନ ମହିମା ସ୍କୁଲ ଅଫ୍ ନର୍ସିଂ ଛାତ୍ରଛାତ୍ରୀ ମାନଙ୍କୁ ନିଯୁକ୍ତିର ସୁଯୋଗ ଦେଇଥିବାରୁ ତାଙ୍କୁ ସାଧୁବାଦ ଜଣାଇଥିଲେ । କଲିକତାରୁ ଜଗତସିଂହପୁର କୁ ଆପୋଲ ଭଳି ଏକ ଅଗ୍ରଣୀ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନକୁ ଛାତ୍ରଛାତ୍ରୀ ଓ ଅଭିଭାବକ କୃତଜ୍ଞତା ଜଣାଇଛନ୍ତି ।

# ମଠରୁ ସୁନାଗହଣା ନେଇ ବାବା ଛୁ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅଧିନ ତୁମ୍ବା ଅଣ୍ଡେଇସାହି ପଞ୍ଚାୟତର ଥିବା ବହୁ ପୁରାତନ ମଠ ଦାସକୁଦ ମଠରୁ ମଠର ସେବକ ବାବା ମଠର ଆସବାବପତ୍ର ସମେତ ଲକ୍ଷାଧିକ ଟଙ୍କାର ଗହଣା ନେଇ ଫେରାର ହୋଇଥିବା ଯୋଗୁଆଜି ତୁମ୍ବା ଅଣ୍ଡେଇସାହି ପଞ୍ଚାୟତର ସରପଞ୍ଚଙ୍କ ସମେତ କୋର୍ଡ଼ଲ ସାଇଷ୍ଟ,ଆଗର ଗ୍ରାମର ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଦର୍ଶାଇଛନ୍ତିକି ଦାସକୁଦ ମଠର ବାବା କୃଷ୍ଣମୋହନ ଦାସଙ୍କ ଜୀବିତ ଅବସ୍ଥାରେ ଏକ ଚେଲା ସନାତନ ଦାସ ରଖିଥିଲେ । ତେବେ କୃଷ୍ଣ ମୋହନ ଦାସଙ୍କ ବିୟୋଗ ପରେ ଚେଲା ସନାତନ ଦାସ ଦାସକୁଦ ମଠର ସେବକ ଭାବେ ଦାୟୀତ୍ୱ ନେଇଥିଲେ ।ତେବେ ତିନିଦିନ ହେବ ସନାତନ ଦାସ ମଠର ସମସ୍ତ ଆସବାବପତ୍ର ସହ ଠାକୁରଙ୍କ ଅଳଙ୍କାର ନେଇ ଫେରାର ହୋଇଯାଇଛି ।




ଠାକୁର ଏବେ ଉପାସ ପଡିଛନ୍ତି । ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମନରେ ଧାର୍ମିକ ଭାବନା ସୃଷ୍ଟି ହେବା ସହିତ ବାବା ସନାତନ ଦାସ ଧାର୍ମିକ ଭାବନା ଉପରେ କୁଠାରଘାତ କରିଛନ୍ତି । ଧାର୍ମିକ ଅନୁଷ୍ଠାନର ନିତିକାନ୍ତି ଓ ସେବା ପୂଜା ବନ୍ଦ ହୋଇ ରହିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ପାଲଟିଛି । ତେଣୁ ତୁରନ୍ତ ବାବା ସନାତନ ଦାସକୁ ଖୋଜି ବାହାର କରିବା ସହିତ ମଠର ସାମଗ୍ରୀକୁ ଉଦ୍ଧାର କରିବା ସହ ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ନାରାୟଣ ପ୍ରସାଦ କାନୁନଗୋ, ବସନ୍ତ ମହାନ୍ତି,ସଂଜିବୀ କୁମାର ମିଶ୍ର,ଅମୂଲ୍ୟ କୁମାର ମହାନ୍ତି,ଅଜୟ କୁମାର ମହାନ୍ତି,ରଶ୍ମୀରଂଜନ ଦାସ,ଲକ୍ଷ୍ମୀଧର ରାଉତରାୟ,ଅଜିତ କୁମାର ଲେଙ୍କା,ଅନିରୁଦ୍ଧ ଦାସ,ରଂଜିତ କୁମାର ପାତ୍ର ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଜଗତସିଂହପୁର ପୋଲିସ ଅଭିଯୋଗ ପାଇ ଦାସକୁଦ ମଠରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

# ଜଗତସିଂହପୁର ସିଡିଏମ୍‌ଓଙ୍କୁ ‘ଲକ୍ଷ୍ୟ ସାର୍ଟିଫିକେଟ’ ପ୍ରାପ୍ତ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଲକ୍ଷ୍ୟ ସାର୍ଟିଫିକେଟ ପ୍ରାପ୍ତ ହୋଇଛି । ପ୍ରକାଶ ଥାଉକି ଲକ୍ଷ୍ୟ ସାର୍ଟିଫିକେଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାଇବାର ମୁଖ୍ୟ କାରଣ ଲେବର ରୁମ ଏବଂ ଓଟିର ଗୁଣ ମାନ ସେବା ସହିତ ମାତୃସ୍ୱାସ୍ଥ୍ୟ ସେବା ପ୍ରତି ସମ୍ମାନ ସାଙ୍ଗକୁ ସଂକ୍ରମଣ ବିହିନ ବ୍ୟବସ୍ଥା ସୁଚରୂପେ ପ୍ରତିପାଦନ ହୋଇଛି । ଏଥିରେ ସୁରକ୍ଷିତ ମାତୃତ୍ୱ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ଗତ ଦୁଇବର୍ଷ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମସ୍ତ ଲେବର ରୁମ୍ ଓ ଓଟିର ଷ୍ଟାଫମାନେ ଲକ୍ଷ୍ୟର ନିୟମ ପାଳନ କରିଆସୁଛନ୍ତି । ସେଥିପାଇଁ ଅବଶ୍ୟକୀୟ ଉପକରଣ ସାଙ୍ଗକୁ ସମସ୍ତ ଗାଇଡଲାଇନ ବ୍ୟବହାର କରାଯାଇ ମାତୃସ୍ୱାସ୍ଥ୍ୟର ଗୁଣମାନ ସେବା ପାଇଁ ସମସ୍ତ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଚିକିତ୍ସକ ଓ ଷ୍ଟାଫ ନର୍ସ ମାନେ ଦିନରାତି ଯଥେଷ୍ଟ ସମୟ ଦେଇ ସେବା କରୁଆସୁଛନ୍ତି । ଏହି ଅବସରରେ ଆଜି ଅପରାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଲକ୍ଷ୍ୟ ସାର୍ଟିଫିକେଟ ପାଇଥିବାରୁ ସମସ୍ତ ଷ୍ଟାଫ ମାନଙ୍କୁ ନେଇ ଏକ ସଭା ଆୟୋଜନ କରାଯାଇଥିଲା । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ବିଜୟା ପଣ୍ଡା ଲେବର ରୁମ ଏବଂ ଓଟିର ସମସ୍ତ ଷ୍ଟାଫ ମାନଙ୍କୁ ସମ୍ବର୍ଦ୍ଧନା ସ୍ୱରୁପ ଫୁଲ ତୋଡା ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ସେମାନଙ୍କ ଦ୍ୱାରା ହୋଇଥିବା ଉନ୍ନତ କାର୍ଯ୍ୟପାଇଁ ସମସ୍ତ ଓ.ଜି ସ୍ପେସିଆଲିଷ୍ଟ,ଷ୍ଟାଫ ନର୍ସ,ଆନେସ୍ଥେସିଆ,ସୁଇପର ଏବଂ ଆଟେଣ୍ଡାଣ୍ଟଙ୍କୁ ଉଦ୍ଦେଶ୍ୟରେ ମାନପତ୍ର ମଧ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏଡିଏମଓ ମେଡିକାଲ ଡା.ଅଜୟ କୁମାର ସ୍ୱାଇଁ,ଏଡିଏମଓ ପରିବାର କଲ୍ୟାଣ ଡା.ପ୍ରମୋଦ କୁମାର ବାରିକ,ଡିପିଏମ ଚକ୍ରଧର ଜେନା,ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ,କ୍ୱାଲିଟି ମ୍ୟାନେଜର ସୁଜାତା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆବଜାର ଅଞ୍ଚଳରେ ରାସ୍ତା ଅବରୋଧ

# ନୂଆବଜାର ରାସ୍ତା ସଂକୀର୍ଣ୍ଣ ଓ ମାଇକ୍ ପ୍ରଚାର ଯୋଗୁ ଦୁର୍ଘଟଣା ବଢୁଛି

**କଟକ(ତପନ ମହାନ୍ତି):-** କଟକ ନୂଆବଜାରରେ ଦିନକୁ ଦିନ ନୂଆ ନୂଆ ଡ୍ରେସ୍ ସୋରୁମ୍ ଖୋଲିବାରେ ଲାଗିଛି । କିନ୍ତୁ ସୋରୁମ୍ ଖୋଲିବା ପୂର୍ବରୁ ସୋରୁମ୍ ମାଲିକମାନେ ଗାଡି ପାର୍କିଂ କି ଫାୟାର ସେଫ୍ଟି ଉପରେ ଧ୍ୟାନ ଦେଉନାହାଁନ୍ତି । ଯାହାଫଳରେ ଅବରୋଧ କରୁଛନ୍ତି ତଥା ରାସ୍ତାର ସଂକିର୍ଣ୍ଣତା ଦୃଷ୍ଟିରୁ ଅନେକ ଛୋଟ ବଡ ଦୁର୍ଘଟଣା ଘଟି ଚାଲିଛି । ଏହା ବ୍ୟତୀତ ଡାକବାଜି ଯନ୍ତ୍ରଦ୍ୱାରା ଉଚ୍ଚ ସ୍ୱରରେ ପ୍ରାୟ ୯୦ ଡେସିମିଲିଠାରୁ ଊର୍ଦ୍ଧ୍ୱ ମାତ୍ରାରେ ପ୍ରଚାର କରୁଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଗାଡିଗୁଡିକ ଧ୍ୟାନଭଗ୍ନ ଘଟି ଦୁର୍ଘଟଣାମାନ ଘଟୁଛି । ନୂଆବଜାର ଓଭରବ୍ରିଜ୍ ଏବଂ ଆଖପାଖ ଅଞ୍ଚଳ ରାସ୍ତାଗୁଡିକ ଉଠାଦୋକାନୀମାନଙ୍କ ଦ୍ୱାରା ରାସ୍ତା ଅବରୋଧ ହୋଇଥିବାରୁ ଯାନବାହନ ସଂଖ୍ୟାର ଗହଳି ସୃଷ୍ଟି ହେଉଛି । ପଥଚାରୀମାନେ ଦୀଗଭ୍ରଷ୍ଟ ହେଉଛନ୍ତି । ନୂଆବଜାର ଅଞ୍ଚଳରେ ମୁତୟନ ହେଉଥିବା ଟ୍ରାଫିକ୍ କର୍ମଚାରୀମାନେ କେବଳ ମୋବାଇଲ୍ ଫୋନ୍ ଦେଖିବାରେ ବ୍ୟସ୍ତ ରହୁଛନ୍ତି । ସନ୍ଧ୍ୟା ସମୟରେ ଏତେ ମାତ୍ରାରେ ଭିଡ ରହୁଥିବାରୁ ଘଣ୍ଟା ଘଣ୍ଟା ଧରି ଆମ୍ବୁଲାନ୍ସ ଗାଡି ଭିଡ ଭିତରେ ଫସି ରହୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ରାସ୍ତା ଉପରେ ବୁଲା କୁକୁର ଓ ଷଣ୍ଢମାନଙ୍କ ପାଦୁର୍ଭାବ ବଢି ଚାଲିଛି । ସିଏମ୍‌ସି କର୍ତ୍ତୃପକ୍ଷ ରାସ୍ତା ଅବରୋଧ ଏବଂ ଡ୍ରେସ୍ ସୋରୁମ୍ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସହରାଞ୍ଚଳ ପୋଲିସ୍ ଟ୍ରାଫିକ୍ ବ୍ୟବସ୍ଥାକୁ ସୁନିୟନ୍ତ୍ରୀତ କରିବାକୁ ସାଧାରଣରେ ଦାବି ହେଉଛି ।

# ପାଣିରେ ବୁଡି ପଞ୍ଚମ ଶ୍ରେଣୀ ଛାତ୍ରର ମୃତ୍ୟୁ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଥାନା ଅଧିନସ୍ଥ ସଲାଣ୍ଠି କୋରୁଆ ଗ୍ରାମରେ ଜଣେ ପଞ୍ଚମଶ୍ରେଣୀ ଛାତ୍ର ପାଣିରେ ବୁଡି ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି । ସୂଚନା ଅନୁସାରେ ସଲାଣ୍ଠି ଗ୍ରାମର ଚାରିଜଣ କୋମଳମତି ଶିଶୁ ସେମାନଙ୍କର ବୟଷ ୭ରୁ ୧୦ବର୍ଷ ମଧ୍ୟରେ । ସେମାନେ ଚାରିଜଣ ଯାକ ମିଶି ନିକଟରେ ପ୍ରବାହିତ ହେଉଥିବା ଦେବୀ ନଦୀକୁ ଗାଧୋଇବାକୁ ଯାଇଥିବା



ବେଳେ ସେମାନେ ପାଣିରେ ଭାସି ଯାଇଥିଲେ । ତେବେ ସେଠାରେ ଉପସ୍ଥିତ ଥିବା ଜନସାଧାରଣ ସମସ୍ତଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ୩ଜଣ ସୁସ୍ଥ ଥିବା ବେଳେ ଅଜୟ କୁମାର ମଲ୍ଲିକଙ୍କ ପୁଅ କାର୍ତ୍ତିକ ମଲ୍ଲିକ ମୃତ୍ୟୁ ବରଣ କରିଥିଲା । ତେବେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ କାର୍ତ୍ତିକଙ୍କୁ ଚିକିତ୍ସା ନିମନ୍ତେ ଅଣା ଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଜଗତସିଂହପୁର ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି ।

## ବିହାରରେ ସୁନାର ଭଣ୍ଡାର !

# ଯଦି ଖୋଲେ ବିଶ୍ୱକୁ ପଛରେ ପକାଇବ ଭାରତ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତ ତା’ର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ପାଇଁ ସାରା ବିଶ୍ୱରେ ଜଣାଶୁଣା । ଏହା ବ୍ୟତୀତ ଦେଶରେ ଅନେକ ରହସ୍ୟମୟ ସ୍ଥାନ ଛି ଯାହା ବୈଜ୍ଞାନିକମାନଙ୍କ ପାଇଁ ଆଜି ମଧ୍ୟ ରହସ୍ୟ ହୋଇ ରହିଛି । ଏଥି ମଧ୍ୟରେ ବିହାରରେ ଅବସ୍ଥିତ ଏକ ସୁନାର ଭଣ୍ଡାର ଅନ୍ତର୍ଭୁକ୍ତ । ଯେଉଁଠାରେ ଏକ ରହସ୍ୟମୟ କବାଟ ଅଛି । ଯାହାକୁ ହାଜର ହଜାର ଚେଷ୍ଟା ପରେ ମଧ୍ୟ କେହି ଖୋଲିବାକୁ ଆଜି ପର୍ଯ୍ୟନ୍ତ ସକ୍ଷମ ହୋଇନାହାଁନ୍ତି ।

ଅନେକ ଥର ଏହି ଦ୍ୱାର ଖୋଲିବାକୁ ଚେଷ୍ଟା କରାଯାଇଥିଲା, କିନ୍ତୁ କେହି ସଫଳ ହୋଇପାରିନାହାଁନ୍ତି । ଏହି ସୁନା ଭଣ୍ଡାର ବିହାରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥାନ ରାଜଗିରର ଏକ ଗୁମ୍ଫା ଭିତରେ ଅବସ୍ଥିତ । ଐତିହାସିକମାନେ କୁହନ୍ତି ଯେ, ହରିୟଙ୍କ ରାଜବଂଶ ପ୍ରତିଷ୍ଠା କରିଥିବା ବିମ୍ବିସାରା ସୁନା ଓ ରୂପାକୁ ବହୁତ ଭଲ ପାଉଥିଲେ । ସୁନା ଓ ରୂପା ପ୍ରତି ତାଙ୍କର ଭଲପାଇବା ହେତୁ ସେ ଅଳଙ୍କାର ସଂଗ୍ରହ କରୁଥିଲେ । କୁହାଯାଏ ଯେ ବିମ୍ବିସାର ବହୁ ଅମୂଲ୍ୟ ଧନ ରାଜଗିରିର ଏହି ଗୁମ୍ଫାରେ ଲୁଚି ରହିଛି । ବିମ୍ବିସାରଙ୍କ ପତ୍ନୀ ଏହି ଧନକୁ ଲୁଚାଇ ରଖିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ କେହି ଏହି ଧନ ପାଇବାରେ ସକ୍ଷମ ହୋଇନାହାଁନ୍ତି । ବ୍ରିଟିଶମାନେ ମଧ୍ୟ ଏହି ଗୁମ୍ଫାକୁ ଯିବାକୁ ସମସ୍ତ ଉଦ୍ୟମ କରିଥିଲେ ମଧ୍ୟ ସେମାନେ ସଫଳ ବିଫଳ ହୋଇଥିଲେ । ଏହି ଭଣ୍ଡାରକୁ ‘ସୁନାର ଭଣ୍ଡାର’ କୁହାଯାଏ ।

ସୂଚନା ଅନୁଯାୟୀ, ଏହି ଗୁମ୍ଫା ବିମ୍ବିସାରଙ୍କ ପତ୍ନୀଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏହି ସୁନା ଭଣ୍ଡାର ଆଜି ବି ବିଶ୍ୱବାସୀଙ୍କ ପାଇଁ ଏକ ରହସ୍ୟ ହୋଇ ରହିଛି । ଏହି ପର୍ଯ୍ୟଟନସ୍ଥଳୀକୁ ଦେଶ ତଥା ବିଦେଶରୁ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟକ ଆସିଥାନ୍ତି । ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏହି ଗୁମ୍ଫା ସହ ଜଡିତ କଥା ଜାଣିବାକୁ ଇଚ୍ଛା ପ୍ରକାଶ କରନ୍ତି ।




ପ୍ରାଚୀନ କାଳରେ, ମଗଧର ରାଜଧାନୀ ରାଜଗିରିରେ ଭଗବାନ ବୁଦ୍ଧ ବିମ୍ବିସାରଙ୍କୁ ଧର୍ମ ବିଷୟରେ କହିଥିଲେ ବିହାରର ପ୍ରସିଦ୍ଧ ସ୍ଥାନଗୁଡିକରେ ଅନ୍ତର୍ଭୁକ୍ତ ଏହି ସ୍ଥାନ ମୁଖ୍ୟତଃ ଭଗବାନ ବୁଦ୍ଧଙ୍କ ସହ ଜଡିତ ସ୍ମାରକୀ ପାଇଁ ଜଣାଶୁଣା । କିଛି ଲୋକ ବିଶ୍ୱାସ କରନ୍ତି ଯେ ଏହି ଧନ ପୂର୍ବତନ ମଗଧ ସମ୍ରାଟ ଜରାସନ୍ଧଙ୍କର ଅଟେ । କିନ୍ତୁ ଅଧିକ ପ୍ରମାଣ ଅଛି ଯେ, ଏହି ଧନ ହରିୟଙ୍କ ରାଜଂଶର ପ୍ରତିଷ୍ଠାତା ବିମ୍ବିସାରଙ୍କର ବୋଲି । କାରଣ ଏହି ଗୁମ୍ଫାଠାରୁ କିଛି ଦୂରରେ ଅଜାତଶତ୍ରୁ ତାଙ୍କ ପିତା ବିମ୍ବିସାରଙ୍କୁ ହତ୍ୟା କରିଥିଲେ । ନିଜ ପିତାଙ୍କୁ ମଧ୍ୟ ବନ୍ଦୀ କରି ରଖିଥିଲେ । ସେହି କାରାଗାରର ଅବଶିଷ୍ଟାଂଶ ସେଠାରେ ଅଛି, ତେଣୁ ଏହି ଧନ କେବଳ ବିମ୍ବିସାରଙ୍କ ବୋଲି ବିବେଚନା କରାଯାଏ ।

କୁହାଯାଏ ଯେ ବିମ୍ବିସାରଙ୍କର ଅନେକ ରାଣି ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ରାଣୀ ବିମ୍ବିସାରଙ୍କ ଅତି ନିକଟତର ଥିଲେ । ଯିଏ ତାଙ୍କର ସଂପୂର୍ଣ୍ଣ ଯତ୍ନ ନେଉଥିଲେ । ଯେତେବେଳେ ଅଜାତଶତ୍ରୁ ତାଙ୍କ ପିତାଙ୍କୁ ବନ୍ଦୀ କରି ନେଇଥିଲେ, ସେତେବେଳେ ଏହି ରାଣୀ ହିଁ ଗୁମ୍ଫାରେ ରାଜାଙ୍କର ସମସ୍ତ ଧନ ଲୁଚାଇ ରଖିଥିଲେ । ସୁନା ଭଣ୍ଡାର ଭିତରକୁ ଯିବା ମାତ୍ରେ ପ୍ରଥମଟି ସୈନିକମାନଙ୍କର କୋଠରୀ ରହିଛି । ଏହା ପରେ ଧନ ପାଖରେ ପହଞ୍ଚିବା ପାଇଁ ଏକ ଉପାୟ ଅଛି । ଏହି ଦ୍ୱାରରେ ଏକ ବିରାଟ ପଥର ରଖାଯାଇଛି । ଆଜି ପର୍ଯ୍ୟନ୍ତ ଏହି ରହସ୍ୟମୟ ଭଣ୍ଡାରର କବାଟ ଖୋଲିବାକୁ କେହି ସକ୍ଷମ ହୋଇନାହାଁନ୍ତି । ଏହି ଗୁମ୍ଫାର କବାଟ ପାଖରେ ରଖାଯାଇଥିବା ପଥର ଉପରେ କିଛି ଲେଖା ଯାଇଛି, ଯାହାକୁ ଆଜି ପର୍ଯ୍ୟନ୍ତ କେହି ପଢି ପାରିନାହାଁନ୍ତି । ଭଣ୍ଡାରର କବାଟ ଖୋଲିବା ବିଷୟରେ କୁହାଯାଇଛି ବୋଲି ବିଶ୍ୱାସ କରାଯାଏ । ଯଦି ଏହାକୁ ଆପଣ ପଢିବାରେ ସଫଳ ହେବେ ତେବେ ଖଜାନା ପର୍ଯ୍ୟନ୍ତ ପହଞ୍ଚି ପାରିବେ । କେତେକ ବିଶ୍ୱାସ କରନ୍ତି ଯେ ରହସ୍ୟମୟ ଭଣ୍ଡାର ପହଞ୍ଚିବାକୁ ହେଲେ ବୈଭଗିରୀ ପର୍ବତ ସାଗର ଦେଇ ପହଞ୍ଚି ହେବ । ଯାହା ସୁନା ଭଣ୍ଡାର ଅନ୍ୟ ଏକ ପାର୍ଶ୍ୱରେ ପହଞ୍ଚାଇଥାଏ । ଏହି ଧନ ପାଇବା ପାଇଁ ବ୍ରିଟିଶମାନେ ଏକ ବନ୍ଧୁକ ସହିତ ଗୁମ୍ଫାର କବାଟ ଭାଙ୍ଗିବାକୁ ଚେଷ୍ଟା କରିଥିଲେ କିନ୍ତୁ ସେମାନେ ହୋଇ ନଥିଲେ ।

# ସମ୍ପାଦକୀୟ

## ବିଛୁଆତି

ରଣଜିତ ସିଂ ହତ୍ୟା ମାମଲାରେ ୫ଜଣଙ୍କ ସହ ବାବା ରାମ ରହୀମଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏହାପୂର୍ବରୁ ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କ ହତ୍ୟା ମାମଲା ସହିତ ସ୍ୱାଧ୍ୱୀମାନଙ୍କୁ ଯୌନ ଶୋଷଣ ମାମଲାରେ ତାଙ୍କୁ ବିଭିନ୍ନ ଦଣ୍ଡ ମିଳିସାରିଛି। ରାମ ରହୀମଙ୍କ ସମୟରେ ଜଣେ ନଷ୍ଟ ଛାତ୍ରଙ୍କ ତାଲିକାରେ ତାଙ୍କୁ ଗଣାଯାଉଥିଲା। ନାରୀ ଦୁଷ୍କର୍ମ ମାମଲାରେ ତାଙ୍କୁ ଦଣ୍ଡ ଦିଆଯାଇଥିଲା କିନ୍ତୁ ଏହା ପରେ ମଧ୍ୟ ସେ ଷ୍ଟାର୍ ହୋଇଯାଇଥିଲେ। ସେ ଜଣେ ଏପରି ବାବା ଥିଲେ ଯାହାଙ୍କର କାର୍ଯ୍ୟକଳାପ ସବୁବେଳେ ବିବାଦରେ ଥିଲା। ସ୍ୱାଧ୍ୱୀଙ୍କୁ ଯୌନ ଶୋଷଣ ଅଭିଯୋଗରେ ରାମ ରହୀମ ୨୦ବର୍ଷ କାରାଦଣ୍ଡ ଭୋଗୁଥିବା ବେଳେ ସାମ୍ବାଦିକ ରାମଚନ୍ଦ୍ରଙ୍କ ହତ୍ୟା ମାମଲାରେ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ବର୍ତ୍ତମାନ ସେ ସୁନାରିଆ ଜେଲ୍‌ରେ ଅଛନ୍ତି।



ଡେରା ସଚ୍ଚା ସୌଦା ମୁଖ୍ୟ ଗୁରୁମିତ ରାମ ରହିମ ଜୀବନ ପିଲାଦିନରୁ ବିବାଦରେ ରହିଆସିଛି। ପିଲାଦିନେ ରାମ ରହୀମ ଏପରି ଅନେକ ଦୁର୍ନୀତି କରିଥିଲେ, ଯେଉଁଥିପାଇଁ ତାଙ୍କ ପରିବାରକୁ ଅନେକ ଲଜ୍ଜାର ସମ୍ମୁଖୀନ ହେବାକୁ ପଡିଥିଲା। ଦଶମ ପରୀକ୍ଷାରେ ରାମ ରହୀମ ବିଫଳ ହୋଇଥିଲେ। ପିଲାଦିନେ ଝିଅମାନଙ୍କୁ ନିର୍ଯାତନା ଦେଇଥିବାରୁ ତାଙ୍କୁ ସ୍କୁଲ୍‌ରୁ ବହିଷ୍କାର କରାଯାଇଥିଲା।

ପ୍ରକାଶ ଥାଉକି ରାମ ରହିମଙ୍କ ଜୀବନ ଆରମ୍ଭରୁ ବିବାଦରେ ରହିଆସିଛି। ସେ ସ୍କୁଲ୍ ସମୟରେ କେବଳ ଝିଅମାନଙ୍କୁ ଯୌନ ଶୋଷଣ କରୁଥିଲେ ତାହା ନୁହେଁ, ଆଖପାଖ ଲୋକଙ୍କୁ ବହୁତ ହଇରାଣ କରୁଥିଲେ। ତାଙ୍କୁ ୯ମ ଶ୍ରେଣୀରେ ସ୍କୁଲ୍‌ରୁ ବହିଷ୍କାର କରାଯାଇଥିଲା। ଦଶମ ଶ୍ରେଣୀରେ ସେ ଫେଲ୍ ହୋଇଥିଲେ। ଦେଖିବାକୁ ଗଲେ ଗୁରୁମିତ ରାମ ରହୀମଙ୍କର ବିବାଦ ସହିତ ଏକ ପୁରୁଣା ସମ୍ପର୍କ ରହିଛି। ତାଙ୍କର ଦୃଢ ରାଜନୈତିକ ସମ୍ପର୍କ ଥିଲା। ସେ ନିଜକୁ ହିରୋ ଭାବରେ ଉପସ୍ଥାପନ କରି ଅନେକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ଡେରା ସଚ୍ଚା ସୌଦା ତଥାପି ତାଙ୍କୁ ଏହାର ମୁଖ୍ୟ ଭାବରେ ଗ୍ରହଣ କରେ। ତାଙ୍କ ଅନୁପସ୍ଥିତିରେ ମଧ୍ୟ ତାଙ୍କ ନାମରେ କାର୍ଯ୍ୟକଳାପ ଚାଲିଛି। ସେ କୁହନ୍ତି ଯେ ବାବା ହେବା ପରେ ପରିବାର ତାଙ୍କୁ ଛାଡିଦେଇଥିଲେ। କିନ୍ତୁ ସେମାନେ ସବୁବେଳେ ତାଙ୍କ ସହ ଅଛନ୍ତି ବୋଲି ସେ କୁହନ୍ତି। ତାଙ୍କ ଜୀବନ କାହାଣୀ ତାଙ୍କ ଚଳଚ୍ଚିତ୍ର ପରି ରଙ୍ଗୀନ ଏବଂ ଆଶ୍ଚର୍ଯ୍ୟଜନକ ମଧ୍ୟ।

ରାମ ରହୀମର ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ବଡ ଝିଅର ନାମ ଚରଣପ୍ରୀତ ଓ ସାନ ଝିଅର ନାମ ଅମରପ୍ରୀତ। ପୁଅ ଭଠିଣ୍ଡାର ପୂର୍ବତନ ବିଧାୟକ ହରମିନ୍ଦର ସିଂ ଜସିଙ୍କ ଝିଅଙ୍କୁ ବିବାହ କରିଛନ୍ତି। ଝିଅମାନେ ମଧ୍ୟ ବିବାହ କରିସାରିଛନ୍ତି। ତାଙ୍କ ପିଲାମାନେ ଡେରା ଅଧିନରେ ଚାଲୁଥିବା ବିଦ୍ୟାଳୟରେ ପଢିଛନ୍ତି।



ସମ୍ପାଦକ

ଡେରା ୧୯୪୮ ମସିହାରେ ଶାହା ମସ୍ତାନାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଡେରା ସୌଚ୍ଚା ସୌଦା ହେଉଛି ଏକ ଆଶ୍ରମ ଯାହା ଦେଶ ସ୍ୱାଧୀନତାର ପ୍ରାୟ ଏକ ବର୍ଷ ପରେ ସୃଷ୍ଟି ହୋଇଥିଲା। ଏହି ଆଶ୍ରମର ମୁଖ୍ୟାଳୟ ହରିୟାଣାର ସିର୍ସା ଜିଲ୍ଲାରେ ଅଛି। ଡେରା ସଚ୍ଚା ସୌଦା ସାମ୍ରାଜ୍ୟର ଚେର ବିଦେଶ ପର୍ଯ୍ୟନ୍ତ ମଧ୍ୟ ବ୍ୟାପିଛି। ଦେଶରେ ଡେରା ନିକଟରେ ଅନେକ ଆଶ୍ରମ ଅଛି ଏବଂ ଏହାର ଶାଖା ଆମେରିକା, କାନାଡା ଏବଂ ଇଂଲଣ୍ଡରୁ ଅଷ୍ଟ୍ରେଲିଆ ଏବଂ ୟୁଏଇ ପର୍ଯ୍ୟନ୍ତ ବ୍ୟାପିଛି। ୧୯୭୪ ମାର୍ଚ୍ଚ ୩୧ରେ ତତ୍କାଳୀନ ଡେରା ମୁଖ୍ୟ ଶାହ ସତନାମ ସିଂ ଜୀ ନିଜକୁ ରାମ ରହୀମ ନାମ ଦେଇଥିଲେ। ୧୯୯୦ ସେପ୍ଟେମ୍ବର ୨୩ରେ ଶାହା, ସତ୍‌ନାମ ସିଂ ଦେଶର ବିଭିନ୍ନ ଆସିଥିବା ଅନୁଗାମୀମାନଙ୍କୁ ଡାକି ଗୁରମିତ ରାମ ରହୀମ ସିଂଙ୍କୁ ସେମାନଙ୍କ ଉତ୍ତରାଧିକାରୀ ଭାବରେ ଘୋଷଣା କରିଥିଲେ।

ଗୁରୁମିତ ରାମ ରହୀମ ସିଂ ୧୯୬୭ ଅଗଷ୍ଟ ୧୫ରେ ରାଜସ୍ଥାନର ଶ୍ରୀନଗରର ଜିଲ୍ଲାର ଗୁରୁସର ମୋଦିଆର ଏକ ଜାଟ ଶିଖ ପରିବାରରେ ଜନ୍ମଗ୍ରହଣ କରିଥିଲେ। କୁହାଯାଏ ଯେ ତାଙ୍କର ପ୍ରକୃତ ନାମ ହରପାଲ ସିଂ ଥିଲା।

କେତେବେଳେ ସେ ନିଜକୁ ଗୁରୁ ଗୋବିନ୍ଦ ସିଂଙ୍କ ଭଳି ଛଦ୍ମବେଶ କରି ବିବାଦ ଭିତରକୁ ଆସିଥିଲେ ତ ପୁଣି କେତେବେଳେ ନିଜକୁ ଭଗବାନ ବିଷ୍ଣୁ ବୋଲି କହୁଥିଲେ। କିନ୍ତୁ ତାଙ୍କ ଆଶ୍ରମରେ ଯୌନ ଶୋଷଣ ଏବଂ ସ୍ୱାଧ୍ୱୀମାନଙ୍କ ନିର୍ଯାତନା କାହାଣୀ ସାମ୍ନାକୁ ଆସିବା ପରେ ମାମଲା ଗୁରୁତର ହେବାକୁ ଲାଗିଲା। ତାଙ୍କ ବିରୋଧରେ କିଛି ହତ୍ୟା ମାମଲା ମଧ୍ୟ ସାମ୍ନାକୁ ଆସିଲା। ଏହି ଅଭିଯୋଗ ଆଶ୍ରମର ଲୋକମାନଙ୍କ ଦ୍ୱାରା ବାହାରକୁ ଆସିଥିଲା।
ଧ୍ୟାନ କରିବା ଓ ଯୌନ ଶୋଷଣ ପାଇଁ ଗୁରୁମିତ କ୍ୟାମ୍ପ ଭିତରେ ଗୁମ୍ଫା ପରି ଭୂତଳ ଘର ନିର୍ମାଣ କରିଥିଲେ। ସବୁଦିନ ସେ ନିଜ ଶିଷ୍ୟମାନଙ୍କ ମଧ୍ୟରୁ ଜଣକୁ ବାଛୁଥିଲେ ଏବଂ ତା'ପରେ ତାଙ୍କ ଶରୀରକୁ ତାଙ୍କ ନିକଟରେ ଉତ୍ସର୍ଗ କରିବାକୁ କହୁଥିଲେ। ଏହି ଝିଅମାନଙ୍କୁ ଡେରାରେ ରଖାଯାଉଥିଲା। ସେମାନେ ଅପେକ୍ଷା କରି ରହୁଥିଲେ ଯେ କେବେ ପୁରୁଷ ଭକ୍ତଙ୍କ ସହିତ ସେମାନଙ୍କର ବିବାହ ହେବ, ଯେଉଁମାନେ ଦାସ ପରି ଗୁରୁମିତଙ୍କ ଆଦେଶ ପାଳନ କରୁଥିଲେ। ଫତେହାବାଦ ଜିଲ୍ଲାର କସ୍‌ବା ତୋହାନାର ବାସିନ୍ଦା ହଂସରାଜ ଚୌହାନ (ପୂର୍ବତନ ଡେରା ସାଧୁ) ଜୁଲାଇ ୨୦୧୨ରେ ଡେରା ସୌଦା ମୁଖ୍ୟଙ୍କ ବିରୋଧରେ ଡେରାର ୪୦୦ ସାଧୁଙ୍କୁ ନପୁଂସକ କରିଥିବା ଅଭିଯୋଗ କରି ହାଇକୋର୍ଟରେ ଆବେଦନ କରିଥିଲେ। ୧୬୬ ସାଧୁଙ୍କ ନାମ ସହିତ ସବିଶେଷ ତଥ୍ୟ କୋର୍ଟରେ ଉପସ୍ଥାପିତ ହୋଇଥିଲା। ଏହି ମାମଲା କୋର୍ଟରେ ବିଚାରଧୀନ ଅଛି।

ହରିୟାଣାର ସିର୍ସା ଠାରେ ବାବା ରାମ ରହୀମଙ୍କର ପ୍ରାୟ ୭୦୦ ଏକର କୃଷି ଜମି ଅଛି। ରାଜସ୍ଥାନର ଗଙ୍ଗନଗରରେ ଏହାର ୧୭୫ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ମଧ୍ୟ ଅଛି। ଏହା ବ୍ୟତୀତ ତାଙ୍କ ନାମରେ ଏକ ଗ୍ୟାସ୍ ଷ୍ଟେସନ ଏବଂ ଏକ ମାର୍କେଟ୍ କମ୍ପ୍ଲେକ୍ସ ମଧ୍ୟ ଅଛି। ଡେରା ସଚ୍ଚା ସୌଦାର ଜମି ଏବଂ ସମ୍ପତ୍ତି ଏକ ଟ୍ରଷ୍ଟ ମାଧ୍ୟମରେ ରକ୍ଷଣାବେକ୍ଷଣ କରାଯାଏ, ଯାହାର ମୁଖିଆ ହେଉଛନ୍ତି ବାବା ରହୀମ।

ବାବା ରାମ ରହୀମ ଗତ ଚାରି ବର୍ଷ ଧରି ହରିୟାଣାର ସୁନାରିଆ ଜେଲ୍‌ରେ କଏଦୀ ଅଛନ୍ତି। ୧୮୪୭ କଏଦୀ ଭାବରେ ରାମ ରହୀମଙ୍କୁ ଏଠାରେ କଠିନ ପରିଶ୍ରମ କରିବାକୁ ପଡୁଛି। ଏଠାରେ ପନିପରିବା ଚାଷ କରିବା ବ୍ୟତୀତ ସେ ଅନ୍ୟ କାମ ମଧ୍ୟ କରୁଛନ୍ତି। କଠିନ ପରିଶ୍ରମ ହେତୁ ତାଙ୍କ ଓଜନ ମଧ୍ୟ କମି ଗଲାଣି। ତେବେ ବାବାଙ୍କ ରହିବା କାରଣରୁ ସୁନାରିଆ ଜେଲ୍ ଏକ ଉଚ୍ଚ ସୁରକ୍ଷା ଜୋନ୍‌ରେ ପରିଣତ ହୋଇଛି। ଜେଲ୍‌ର ସୁରକ୍ଷା କ୍ଷେତ୍ରରେ ପାରା ମିଲିଟାରୀ ମଧ୍ୟ ନିୟୋଜିତ କରାଯାଇଛି।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www.samparkabarta.in

# ଦେଶ ଗରିବ ହୁଏ କାହିଁକି ?



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର

ସାଧାରଣରେ ଗୋଟିଏ କଥା ସବୁବେଳେ ଆଲୋଚିତ ହୋଇଥାଏ। ତାହାହେଲା ଦେଶ ଗରିବ ହୁଏ କାହିଁକି ? ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହୋଇଥାଏ। ବିଭିନ୍ନ କାରଣ ମଧ୍ୟ ଖୋଜା ଯାଇଥାଏ। କିନ୍ତୁ ସଠିକ୍ ଉତ୍ତର ମିଳିପାରେ ନାହିଁ। ସାଧାରଣ ଅର୍ଥରେ କହିଲେ ଗରିବ ଏକ ସାମାଜିକ ଅବସ୍ଥାକୁ ବୁଝାଇଥାଏ, ଯେଉଁଠି ଲୋକମାନେ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇଥାନ୍ତି। ଏହି ଦୃଷ୍ଟିରୁ ବିଚାର କଲେ ଭାରତ ଭଳି ବିକାଶମୁଖୀ ଦେଶମାନଙ୍କରେ ଦାରିଦ୍ର୍ୟର ଉତ୍କଟ ଅବସ୍ଥା ଦେଖାଦେଇଥାଏ। ଏହାର କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍‌ନର ନରକ୍ସେ କହିଛନ୍ତି- 'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ'। ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ। ଏଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି । ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡ ପିଛାଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନ ସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହାକି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ପ୍ରତିଶରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦ୍ରାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ଶ୍ରୀ ରଙ୍ଗ ରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି।

ଏକ ଅନୁକୂଳ ପରିବେଶ ଜୀବନ ଧାରଣ ପାଇଁ ଅପରିଧାର୍ଯ୍ୟ ଜନସଂଖ୍ୟାର ବିସ୍ଫୋରଣ ପରିବେଶପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟିକରିଛି । ଦାରିଦ୍ର୍ୟ ନୟନ୍ତ୍ରଣ ପାଇଁ କେତକ ଫଳପ୍ରଦ ପଦକ୍ଷପ ନେବା ଜରୁରୀ ମନେ ହୁଏ। ନିବେଶ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ଏହା ଲୋକମାନଙ୍କ ଆୟ ବୃଦ୍ଧି କରି ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସହାୟକ ହୋଇଥାଏ। ଭାରତରେ ଘରୋଇ ସଞ୍ଚ ୟ ବୃଦ୍ଧି ଘରୋଇ ଆୟ ଉପରେ ନିର୍ଭୟ କରୁଥିବାରୁ ଏହା ଆମ ଦେଶ ପାଇଁ ଅସମ୍ଭବ ମନେହୁଏ ତେଣୁ ଆମେ ପ୍ରଥମେ ବିଦେଶୀ ନିବେଶ ଉପରେ ନିର୍ଭର କରି ପରେ ଘରୋଇ ନିବେଶ ଓ ସଞ୍ଚୟ ବୃଦ୍ଧି ପାଇଁ ଯତ୍ନବାନ ହେବା ଆବଶ୍ୟକ। ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ। ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶ ମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତ ବିଧ୍ୱସ୍ତ। ଶିଳ୍ପ ଜଗତ କୋମାରେ। କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷ ଜନକ ନୁହେଁ। ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢିଛି।

ଗରିବ ହଟାଅ ଆମ ଜାତୀୟ ସ୍ଲୋଗାନ ହୋଇଥିଲେ ମଧ୍ୟ ଦାରିଦ୍ର୍ୟ ଭାରତ ପାଇଁ ଏକ ଆହ୍ୱାନ ହୋଇରହିଛି। ଏହା ନିଶ୍ଚିତ ପରିତାପର ବିଷୟ। ଏପରିକି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପରେବି ଏ କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ହୋଇପାରିନାହିଁ। ଜନସଂଖ୍ୟା ବୃଦ୍ଧି ଏହାର ଏକ ପ୍ରମୁଖ କାରଣ। କୁହାଯାଏ, ବିକାଶ ପ୍ରକ୍ରିୟାରେ ମାନବ ସମ୍ବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ଭାରତରେ ଜନସଖ୍ୟା ବୃଦ୍ଧ ଆମ ପ୍ରଗତି ପଥରେ ପ୍ରଧାନ ପ୍ରତିବନ୍ଧକ ଭାବେ ଉଭାହୋଇଛି। ଫଳରେ ଭାରତରେ ଯେତେ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ରହିଛି ଏହି ଜନସଂଖ୍ୟା ବିସ୍ଫୋରଣ। ଇତିମଧ୍ୟରେ ଭାରତର ଜାତୀୟ ଆୟ ୭ ଗୁଣ ଆୟ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଆୟ ମାତ୍ର ୩ଗୁଣ ବୃଦ୍ଧି ପାଇଛି। ଅର୍ଥ ଶାସ୍ତ୍ରୀ ମାଲଥସ୍‌ଙ୍କ ମତରେ ଏକ ଜନବହୁଳ ରାଷ୍ଟ୍ରରେ ଖାଦ୍ୟ ଯୋଗାଣ ଅପେକ୍ଷା ଜନସଂଖ୍ୟାର ବୃଦ୍ଧି ଅଧିକା ହୋଇଥାଏ। ଏହା ଉତ୍କଟ ଖାଦ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଥି ସହିତ ଶ୍ରମଶକ୍ତିର ଯୋଗାଣ ଚାହିଦାଠାରୁ ଅଧିକା ହେଲେ ବେକାରୀ ସୃଷ୍ଟି ହୁଏ । ବେକାରୀ ସମସ୍ୟା ଭାରତୀୟ ଅର୍ଥନୀତିର ଚିର ସହଚର ହୋଇରହିଛି । ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଉପଭୋଗ ଖର୍ଚ୍ଚ ବଢାଇଥାଏ । ଫଳରେ ସଞ୍ଚୟ କମିଯାଏ ଓ ପୁଞ୍ଜିଗଠନ ହ୍ରାସପାଏ ।

ପ୍ରାୟ ୬୦ପ୍ରତିଶତ ଭାରତର କୃଷି ଉପରେ ନିର୍ଭରଶୀଳ । ନିମ୍ନ କୃଷି ଉତ୍ପାଦନଶୀଳତା ଗ୍ରାମାଞ୍ଚଳ ଦାରିଦ୍ରାତାର ମୁଖ୍ୟ କାରଣ । ତେଣୁ କୃଷିର ଦ୍ରୁତ ବିକାଶ ପାଇଁ ବିଭିନ୍ନ ପଦକ୍ଷପ ନେବା ଆବଶ୍ୟକ ଫଳରେ ଏହା ଗ୍ରାମାଞ୍ଚଳ ଆୟ ବୃଦ୍ଧି କରି ଦାରିଦ୍ର୍ୟ ଦୂର କରିବାର ସହାୟକ ହୋଇପାରିବ । ଏଥି ସହିତ କୃଷି ଓ ଶିଳ୍ପ ପରସ୍ପର ନିର୍ଭରଶୀଳ । ଯେ କୌଣସି ଗୋଟିକର ବିକାଶ, ଅନ୍ୟଟିର ବିକାଶ ପାଇଁ ପଥ ପରିଷ୍କାର କରିଥାଏ । ସେହିପରି କୃଷି ଭିତ୍ତିକ ଶିଳ୍ପର ବିକାଶ ହେଲେ ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ଦାରିଦ୍ର୍ୟ ହଟାଇପାରିବ । ଏଥିସହିତ ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ ରାଷ୍ଟ୍ରରୁ ବୋକାରୀ ଦୂର କରିବା ପାଇଁ ସହାୟକ ପ୍ରଦାନ କରେ। ଉତ୍ପାଦନ କୌଶଳ ଦୁଇ ପ୍ରକାର: ଯଥା ଶ୍ରମ ପ୍ରଦାନ କୌଶଳ ଓ ପୁଞ୍ଜି ପ୍ରଦାନ କୌଶଳ। ଭାରତଭଳି ଜନବହୁଳ ଦେଶରେ ଶ୍ରମପ୍ରଦାନ କୌଶଳକୁ ବ୍ୟବହାର କରିବା ଉଚିତ କାରଣ ଦାରିଦ୍ର୍ୟ ନିରାକାରଣ ପାଇଁ ଗଣନିଯୁକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି ।ଉଏତଦ୍‌ବ୍ୟତୀତ ଆଉକେତେକ ପଦକ୍ଷପ ନେବା ଜରୁରୀ ମନେହୁଏ। ସେଗୁଡିକ ହେଲା – (କ) ନିମ୍ନ ଆୟକାରୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ଦ୍ରବ୍ୟ ଉପରେ ସରକାର କମ୍ ଟିକସ ବସାଇବା ଆବଶ୍ୟକ । ଏହା ସେମାନଙ୍କର ଉପଭୋଗ କ୍ଷମତା ବୃଦ୍ଧି କରିପାରିବା ଏବଂ ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ଉପରକୁ ଆଣିପାରିବ (ଖ) ଦରିଦ୍ର ମାନଙ୍କୁ ସରାକାରୀ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅତ୍ୟାବଶ୍ୟକ ଦ୍ରବ୍ୟ ରାହାତି ମୂଲ୍ୟରେ ଯୋଗାଇଦେବା ଉଚିତ୍ (ଗ) ଆଇନ୍ ଦ୍ୱାରା ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚିତ ମଜୁରୀ ବ୍ୟବସ୍ଥା କରିବା ଉଚିତ୍ (ଘ) ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇଦେବା ଉଚିତ୍ (ଙ) ପ୍ରତ୍ୟେକ ଦରିଦ୍ର ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତି ଦେବା ଜରୁରୀ।

ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ। ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ। ବିଶ୍ୱସ୍ତରରୁ ଆରମ୍ଭ କରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ୍ୟ। କିନ୍ତୁ ସେଗୁଡିକର ସଫଳତା ଉତ୍ସାହଜନକ ନୁହେଁ । ତେଣୁ ଦାରିଦ୍ର୍ୟର ଆଶୁ ନିରାକରଣ ପାଇଁ ଅଧିକ ନିବେଶ, କୃଷିର ବିକାଶ, ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ, ଦରଦାମର ସ୍ଥିରତା, ଅସମାନତା ହ୍ରାସ, ଜନସଂଖ୍ୟା ନିୟନ୍ତ୍ରଣ ଓ ସର୍ବୋପରି କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ତାହାନହେଲେ ଦାରିଦ୍ର୍ୟ ଆମ ପାଇଁ ଚିର ସହଚର ହୋଇ ରହିଯିବ !

# ସତ୍ୟବାଦୀର ସଖା-ପଣ୍ଡିତ ଗୋଦାବରୀଶ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ସଭ୍ୟତାରସୂର୍ଯ୍ୟାଦୟଠାରୁକେତେମହାମନିଷୀ, ଜ୍ଞାନୀ, କବି, ଭାବୁକ, ରସିକ, ମହାପୁରୁଷ ଏହି ସୌନ୍ଦର୍ଯ୍ୟମୟୀ ଉତ୍କଳର ପ୍ରମୋଦ ଉଦ୍ୟାନଙ୍କୁ ଆଲୋକିତ କରି ସତ୍ୟ, ଦୟାକ୍ଷମା ଓ ଶନ୍ତିର ଆଦର୍ଶକୁ ଦୀପ୍ତିମନ୍ତ କରିଛନ୍ତି। ସେମାନଙ୍କମଧ୍ୟରୁସତ୍ୟବାଦୀରସଖା ପଣ୍ଡିତଗୋଦାବରୀଶମିଶ୍ର ଅନ୍ୟତମ। ୧୮୮୬ ମସିହା ଅକ୍ଟୋବର ୨୬ ତାରିଖକାର୍ତ୍ତୀକ ଦୀପାବଳୀ ଅମାବାସ୍ୟା ଦିନ ପୁରୀ ଜିଲ୍ଲାର ବାଣପୁର ନିକଟସ୍ଥ ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଲିଙ୍ଗରାଜ ମିଶ୍ର ଥିଲେ ଜଣେ ଚଣ୍ଡୀ ସାଧକ ଓ ବୈଦ୍ୟ ।ଗୋଦାବରୀତୀର୍ଥ ଯାତ୍ରା ପରେ ପୁତ୍ର ଲାଭ ହୋଇଥିବାରୁ ପିତା-ମାତା ଗୋଦାବରୀ ମିଶ୍ର ନାମ ରଖିଥିଲେ। ମାତ୍ର ଭକ୍ତକବି ମଧୁସୁଦନ ଗୋଦାବରୀ ବାଳିକା ନାମକୁ ବାଳକ ନାମ ଗୋଦାବରୀଶ ମିଶ୍ର ରଖିଥିଲେ। ପଣ୍ଡିତ ଗୋଦାବରୀଶ ସ୍କୁଲରେ ପାଠ ପଢୁଥିବା ବେଳୁ ସ୍ତ୍ରୀଲୋକଙ୍କ ଭଳି ମୁଣ୍ଡରେ ଛୁଟି ରଖିବା ଓ କାନରେ ନୋଳି ପିନ୍ଧିବା ତାଙ୍କର ଥିଲା ଅଭ୍ୟାସ।

ଗୋଦାବରୀଶଙ୍କର ଶିକ୍ଷା ଗାଁ ଚାଟଶାଳୀର ଅବଧାନ ଗୀରିଧର ମହାନ୍ତିଙ୍କ ପାଖରେ ଆରମ୍ଭ ହୋଇଥିଲା। ଉଚ୍ଚ ପ୍ରାଥମିକ ପରିକ୍ଷା ପୂର୍ବରୁ ତାଙ୍କର ବିବାହ ସମ୍ପନ୍ନ ହୋଇଗଲା। ବାଣପୁରରେ ମଧ୍ୟ ଓଡିଆ ପଢି ସେ ଦ୍ୱିତୀୟ ଶ୍ରେଣୀରେ ପାସ କରିବାରୁ ବୃତି ମିଳିଲା ନାହିଁ। ତେଣୁ ପାଠପଢା ବନ୍ଦ ହୋଇଗଲା। ଚଣ୍ଡୀପୂଜା, ଗଙ୍ଗାଷ୍ଟକ ବୌଦିକ କର୍ମକାଣ୍ଡ ଇତ୍ୟାଦି ଶିକ୍ଷାକଲେ। ପିତାଙ୍କ ଅନୁପସ୍ଥିତରେ ଠାକୁର ପୂଜା ଭାର ତାଙ୍କ ଉପରେ ପଡିବାରୁ ସେ ଠାକୁରଙ୍କୁ ଖଟୁଳିରୁ ଉଠାଇ ଆଣି ଭାତରେ ମୁହଁମାଡି ଦେଇଥିଲେ। ସେ ଜଣେସଂସ୍କାରି ନୀତିବାନ୍ ବ୍ରାହ୍ମଣଟି ହୋଇପାରିଲେ ନାହିଁ। ପଇତା ଛିଣ୍ଡାଇ ଆମିଷ ଭୋଜନ କରୁଥିଲେ। ତେଣୁ ଗାଁ ଲୋକେ ଗୋଦାବରିଶଙ୍କୁ କଳାପାହାଡ ନାମରେ ଡାକିଲେ। ପିତା ଲିଙ୍ଗରାଜ ମିଶ୍ରଙ୍କ ଅଭିଳାସ ଥିଲା ପୁଅ ଗୋଟିଏ ଓକିଲ ହେବ। ତେଣୁ ସେ ନିଜର ପୈତୃକ ଜମିରୁ କିଛି ଅଂଶ ବିକି କରି ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢିଲେ। ଅଷ୍ଟମ ଶ୍ରେଣୀ ବାର୍ଷୀକ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ରଖି ପାଶ କରିଥିବାରୁ ରାମକୃଷ୍ଣ ବୋଷ ମାସିକ ୫ ଟଙ୍କାବୃତି ପାଇବାର ବ୍ୟବସ୍ଥା କରି ଦେଲେ। ଗୋଦାବରୀଶ ଦଶମ ଶ୍ରେଣୀରେ ପଢିଲାବେଳେ ଶଶିଭୂଷଣ ରାୟଚୌଧୁରୀ ସହିତ ପରିଚିତ ହୋଇଥିଲା। ପୁରୀବଡ ଦାଣ୍ଡରେ ବିଦେଶୀ ଲୁଗାପୋଡା ସମୟରେ ଗୋପବନ୍ଧୁଙ୍କ ସହିତ ପ୍ରଥମ ଥର ଦେଖା ହେଲା। ସେ ଶଶିଦାଙ୍କ ମାଧ୍ୟମରେ ଗୋପବନ୍ଧୁଙ୍କର ନିକଟତର ହେଲେ। ଗୋପବନ୍ଧୁଙ୍କ ସ୍ୱେଚ୍ଛା ସେବକ ବାହିନୀରେ ଗୋଦାବରୀଶ କାର୍ଯ୍ୟକଲେ।

ଗୋଦାବରୀଶଙ୍କ ପିନ୍ଧାଲୁଗା ଥିଲାମାତ୍ର ଖଣ୍ଡିଏ। ସେ ଲୁଗାଟିକୁ ଛୁଟି ଦିନରେ ଝରକା ଦେଇ ଧୋବାକୁ ସଫାକରିବାକୁ ଦିଅନ୍ତି ଓ ନିଜେଲୁଗା ପାଇବା ପର୍ଯ୍ୟନ୍ତ କବାଟ କିଳି ଘରେ ରୁହନ୍ତି। ପିତାଙ୍କର ହଇଜାରେ ମୃତ୍ୟୁ ଖବର ପାଇ ଘରେ ପହଚିଂବା ପର ମୁହୂର୍ତ୍ତରେ ତାଙ୍କ ବୋଉ ମଧ୍ୟ ହଇଜାରେ ଦେହ ତ୍ୟାଗ କଲେ। ଘରେ ଅନ୍ଧୁଣୀବୁଢୀ ମା' ଓ ଆଠ ବର୍ଷର ଭଉଣୀଙ୍କୁ ଛାଡି ପୁଣୀ ଫେରିଗଲେ ପାଠ ପଢିବାକୁ । ରାମକୃଷ୍ଣ ବାବୁଙ୍କ ପାଞ୍ଚଟଙ୍କା ବୃତିରୁ ଟଙ୍କାଟିଏ ବଳକା କରି ଘରକୁ ପଠାଉଥିଲେ। ୧୯୦୬ ମସିହାରେ ପ୍ରବେଶିକା ପରିକ୍ଷାରେ ଦ୍ୱିତୀୟଶ୍ରେଣୀରେ ପାଶକରି ଦଶ ଟଙ୍କା ବୃତି ପାଇଲେ। ଏହିବୃତି ପଇସାରେ କଲେଜରେ ନାମ ଲେଖାଇ ଚନ୍ଦ୍ର ମୋହନ ବାବୁଙ୍କ ବସାରେ ରହିଲେ ଓ ଖାଇଲେ। ତା ବଦଳରେ ତାଙ୍କ ଦୁଇ ପୁଅଙ୍କୁ ପାଠ ପଢାଇଲେ।

୧୯୦୭ ମସିହାରେ ଆଳି ଅଚଂଳରେ ବନ୍ୟା ବିପନ୍ନମାନଙ୍କୁ ସାହାଯ୍ୟ କାର୍ଯ୍ୟକରି ଫେରିବାବେଳକୁ ସେଜ୍ୱରରେ ଆକ୍ରାନ୍ତ ହେଲେ। ଜ୍ୱର ଭଲ ହେବାର କିଛି ଦିନ ଅନ୍ତରରେ ତାଙ୍କର ସାନ ଭଉଣୀ ଉପଯୁକ୍ତ ପଥ୍ୟ ଓ ଔଷଧ ନ ପାଇ ଅତି କଷ୍ଟରେ ମୃତ୍ୟୁବରଣ କରିଥିଲା। ବାଣପୁର ଅଚଂଳରେକଲେଜ ପଢୁଆ ଯୁବକଭାବରେ'ଭଗବତୀ ପ୍ରସାଦିନୀ'ସମିତିଟିଏ ଗଠନ କରିସରକାରୀ ଅଫିସରମାନଙ୍କ ବଦ ଅଚରଣ ସମ୍ପର୍କରେ ଆଲୋଚନା କରିବାରୁ ତାଙ୍କୁ ମିଛ କାଠଚୋରି ଅଭିଯୋଗରେ ଫସାଇ ଦିଆଗଲା। ଗୋଦାବରୀଶ ଉପରସ୍ଥ ଅଫିସରମାନଙ୍କୁ ଜଣାଇବାରୁ ତଦନ୍ତ ହେଲା। ତଦନ୍ତ ପରେ ବାଣପୁରର ସବୁସରକାରୀ ଅଫିସରମାନଙ୍କୁ ବଦଳି କରାଗଲା । ସେ ପାଉଥିବା ଦଶ ଟଙ୍କାବୃତିର ପାଚଂ ଟଙ୍କା ତାଙ୍କ ସ୍ତ୍ରୀ ଓ ମାଙ୍କ ପାଇଁ ପଠାଉଥିଲେ। ଏଫ୍.ଏ ପାସ୍ କରି ଗୋଦାବରୀଶ ଦର୍ଶନଶାସ୍ତ୍ରୀରେ ଅନର୍ସ ନେଇ ପାଠପଢିଲେ। କିନ୍ତୁ ତାଙ୍କୁ ୧୦ ଟଙ୍କାବୃତିଖର୍ଚ୍ଚ ପାଇଁ ନଖଟ ହେଲା। ଘର ଖର୍ଚ୍ଚ ପାଇଁ ଆଉ ଟଙ୍କା ପଠାଇ ପାରିଲେ ନାହିଁ। କଟକରେ ତରୁଣ ଉତ୍କଳ ସଂଘ ଗଠନ କରାଗଲା। ଗୋଦାବରୀଶ ତାହାର ସମ୍ପାଦକ ଭାବରେ କାର୍ଯ୍ୟକଲେ। ଏହି ଅନୁଷ୍ଠାନ ତରଫରୁ ଗୋଦାବରୀଶ ସେକସ୍‌ପିୟରଙ୍କର ଏକ ଇଂରେଜୀ ନାଟକରେ ଅଭିନୟ କରୁଥିଲେ। ତାଙ୍କ ଅଭିନୟରେ ଖୁସି ହୋଇ ଇଂରେଜୀ ଅଧାପକ ଗୋଦାବରୀଶଙ୍କୁ ଗୃହ ଶିକ୍ଷକ ଭାବରେ ନିଯୁକ୍ତି ଦେଇଥିଲେ। ବି.ଏ ପାସ ପରେ ଗୋଦାବରୀଶ ଓକିଲାତି ପଢିବା ଲାଗି ମାସିକ ୩୦ଟଙ୍କିଆ ବୃତି ପାଇ କଲିକତାରେ ଓକିଲାତି ପଢିବା ସଙ୍ଗେ ସଙ୍ଗେ ଏମ୍.ଏ ପାଠ ପଢିଲେ। ଗୋଦାବରୀଶ ଯେଉଁ ଦିନ କଲିକତା ପଢିବାକୁ ବାହାରିଥିଲେ, ସେ ଦିନ ରେଳ ଷ୍ଟେସନରେ ପ୍ରାୟ ପାଚଂହଜାର ଲୋକ ତାଙ୍କୁବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। କଲିକତାରେ ଶଶିଦା ଓ ନିଳକଣ୍ଠ ଥିବାରୁ ଗୋଦାବରୀଶଙ୍କର ସେଠାରେ ଚଳିବାରେ କିଛି ଅସୁବିଧା ହେଉନଥିଲା।

ଏମ୍.ଏରେ ତୃତୀୟ ଶ୍ରେଣୀ ହୋଇଥିବାରୁ ସେ ବହୁତ ମନଦୁଃଖ କରିଥିଲେ। କଲିକତାର ମୂକବଧିର ବିଦ୍ୟାଳୟରେ ସହକାରୀ ପ୍ରଧାନ ଶୀକ୍ଷକ ସହିତ ବିଦେଶରେ ଶିକ୍ଷା ସୁଯୋଗ ଦଲିଲରେ ଦସ୍ତଖତ କରିବା ପୂର୍ବରୁ ସେ ଗୋପବନ୍ଧୁଙ୍କ ଅନୁମତି ଲୋଡିଥିଲେ। ଦୀର୍ଘ ୩୦୦ ମାଇଲ ଦୂରରୁ ଦୋପବନ୍ଧୁ ଲେଖିଥିଲେ ଗୋଦାବରୀଶ ତମେ କଲିକତାମୂକ ବଧିରବିଦ୍ୟାଳୟରେ ଶିକ୍ଷକ ହେବାକୁ ଯାଉଛ। ଏଣେ ଓଡିଶାର ଲକ୍ଷ ଲକ୍ଷ ମୂକ ବଧିରଙ୍କ କଥା କଣ ଭୁଲିଗଲ। ତାଙ୍କର ଦଲିଲରେ ଦସ୍ତଖତ କରିବା ସେତିକରେ ରହିଗଲା। ଆଇନ ପାଠ ଶେଷକରି ପଣ୍ଡିତ ଗୋପବନ୍ଧୁଙ୍କର ଆହ୍ୱାନରେ ଗୋଦାବରୀଶ ସେ ସମୟର ସାମାଜିକ ଆବଶ୍ୟକତାକୁ ଲକ୍ଷ୍ୟକରି ସିଧା ଆସି ସତ୍ୟବାଦୀ ବନ ବିଦ୍ୟାଳୟରେ ୧୯୧୩ ମସିହାରେ ଯୋଗ ଦେଇଥିଲେ। ସେଠାରେ ସେ ୩୦ ଟଙ୍କା ବେତନ ପାଇଲେ। ତିନି ବର୍ଷ ଶିକ୍ଷକତା ପରେ ସେ କଲିକତା ଆସି ଶିକ୍ଷକ ଟ୍ରେନିଂ ନେଲେ। ସେଠାରେ 'ପୁରୁଷୋତମ' ନାଟକ ରଚନା କରି ପ୍ରକାଶ କରିଥିଲେ। ସେ ଖଣ୍ଡିଏ ଇଂରେଜୀ କବିତା ବହି ସଂକଳନ କରିଥିଲେ।

ମଧୁବାବୁ ଓ ଗୋପବନ୍ଧୁ ଦାସଙ୍କନେତୃତ୍ୱରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଉଦ୍ୟମ ଚାଲିଥିଲା । ଏହି କାର୍ଯ୍ୟରେ ଗୋଦାବରୀଶ କାମ କରିବା ପଇଁ ୧୯୧୯ ମସିହାରେ ଅଗେଇ ଆସି ସିଂହଭୂମିରେ ଥିବାଲୋକଙ୍କ ମଧ୍ୟରେ ଓଡିଆ ପ୍ରୀତି ଓ ଜାତୀୟତାବାଦ ଜନ୍ମାଇ ଥିଲେ। ଓଡିଆଭାଷ ଓ ଶିକ୍ଷାର ପ୍ରସାର ପାଇଁ ଚକ୍ରଧରପୁରରେ ଏକ ଓଡିଆ ହାଇସ୍କୁଲ ଗୋଦାବରୀଶ ଆରମ୍ଭ କରିଥିଲେ। ସିଂହଭୂମି କାର୍ଯ୍ୟ ଛାଡି ଗୋଦାବରୀଶ ଜନ୍ମସ୍ଥାନ ବାଣପୁରକୁ ଚାଲି ଆସିଲେ । ସେଠାରେ ଶିଳ୍ପର ଉନ୍ନତି ପାଇଁ ଭୁବନାନନ୍ଦ ଦାସ, ମଜୁମଦାର ଓ ଗୋଦାବରିଶ ମିଶି ଏକ 'ଜାତୀୟଶିଳ୍ପ ସଦନ' ନାମରେ ଅନୁଷ୍ଠାନ ଗଠନ କରିଥିଲ। ଗୋଦାବରୀଶ ସହକାରୀ ରେଜିଷ୍ଟ୍ରର ହିରି ଦାସ ରାୟଙ୍କ ସହାୟତାରେ ଦୁଇଟି ସମବାୟ ସମିତି ଓ ଗୋଟିଏ ସମବାୟ ବ୍ୟାଙ୍କ ବାଣପୁରଠାରେ ଆରମ୍ଭ କରିଥିଲେ।

ଗୋଦାବରିଶ ୧୯୪୧ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ପାରଳା ମହାରାଜଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିଲେ। ପାରଳାମହାରାଜ ଓ ଗୋଦାବରିଶଙ୍କ ପ୍ରଚେଷ୍ଟାରେ ଓଡିଶାରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ସ୍ଥାପନ ହୋଇଥିଲା। ୧୯୫୨ ମସିହାରେ ବାଣପୁରର କୃଷ୍ଣପ୍ରସାଦ ନିର୍ବାଚନ ମଣ୍ଡଳୀରୁ ଗୋଦାବରିଶ ନିର୍ବାଚିତ ହୋଇ ଓଡିଶା ବିଧାନସଭାର ସଭ୍ୟ ହେଲେ। ସେ ଥିଲେ ଜଣେ ସମାଜ ସଂସ୍କାରକ ଓ ସୁସାହିତ୍ୟିକ ଗୋଦାବରୀଶ ତାଙ୍କ ଜୀବନକାଳରେ ଗୁଡିଏ ଉପାଦେୟ ପୁସ୍ତକ ରଚନା କରିଥିଲେ। ତଙ୍କର 'କାଳିଜାଈ' କବିତା ବେଶ ଲୋକପ୍ରିୟ। ସେକିଛି ଦିନ ସମାଜର ସମ୍ପାଦକ୍ ଥିଲେ। ବିହାର ଓଡିଶା କାଉନସିଲ୍‌ର ସଭ୍ୟ ହୋଇଥିଲେ। ଗୋଦାବରିଶ ବ୍ରୀଟିଶ ସରକାରଙ୍କର ବିରୁଦ୍ଧାଚରଣ କରି ୭ ଥର ଜେଲ ଦଣ୍ଡ ଭୋଗିଥିଲେ। ସର୍ବମୋଟ ୧୧ ବର୍ଷ ସେଜେଲ ଦଣ୍ଡରେ ଦଣ୍ଡିତ ହୋଇଥିଲେ। ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ହଠାତ୍ ଇହଧାମ ତ୍ୟାଗକରି ସେ ଚାଲିଗଲେ ଅମର ପୁରକୁ । ଓଡିଆମାଟି, ଓଡିଆ ଭାଷା ଓ ଓଡିଆ ଲୋକଙ୍କୁ ଆଲୁକ ଦେଖାଇ ନିଜେ ଲିଭି ଯାଇଥିଲେ। ଓଡିଆ ମାଟି ହରାଇଥିଲା ଏକ ମହାନ ପଣ୍ଡିତ, ଶିକ୍ଷାବିତ, କବି ଓ ଲେଖକ।

# କାର୍ତ୍ତିକରେ ମାଛ ଖାଇବା ଉଚିତ୍ ନୁହେଁ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ହିନ୍ଦୁ ପାଞ୍ଜି ଅନୁସାରେ ଗୁରୁବାର ଠୁଁ କାର୍ତ୍ତିକ ମାସ ଆରମ୍ଭ ହୋଇଛି। ଗୁରୁବାର ଦିନ କାର୍ତ୍ତିକ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ହିନ୍ଦୁ ଧର୍ମରେ କାର୍ତ୍ତିକ ମାସର ବିଶେଷ ମହତ୍ତ୍ୱ ରହିଛି। କାର୍ତ୍ତିକ ମାସକୁ ପବିତ୍ର ମାସ ମଧ୍ୟ କୁହାଯାଏ। ଧାର୍ମିକ ଦୃଷ୍ଟି କୋଣରୁ ଏହି ମାସର ଅନେକ ମହତ୍ତ୍ୱ ରହିଛି। ଏହି ମାସରେ ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କ ବିଶେଷ ପୂଜା କରାଯାଏ। ଏହାସହ ଏହି ମାସରେ ତୁଳସୀ ଚଉଁରା ପୂଜାର ମଧ୍ୟ ଅନେକ ମହତ୍ତ୍ୱ ଅଛି। ଏହି ମାସରେ ପବିତ୍ର ନଦୀରେ ସ୍ନାନ ଓ ଦାନ ପୂଣ୍ୟର ମଧ୍ୟ ପରମ୍ପରା ରହିଛି। ପବିତ୍ର ନଦୀରେ ସ୍ନାନ କଲେ ଓ ଦାନ କଲେ ପୂଣ୍ୟ ମିଳିଥାଏ।



ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ମଧ୍ୟ କାର୍ତ୍ତିକ ମାସ ମହତ୍ତ୍ୱପୂର୍ଣ୍ଣ। ଏହି ମାସରେ ଖାଇବା ପିଇବାରେ କିଛି ବିଶେଷ ନିୟମ ରହିଛି। ଏହି ମାସରେ କେଉଁ ଜିନିଷ ଖାଇବା ଉଚିତ୍ ଓ କେଉଁ ଜିନିଷଠୁଁ ଦୂରେଇ ରହିବା ଉଚିତ୍ ତାହା ନିଶ୍ଚୟ ଜାଣିବା ଦରକାର। ଏହାଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ହୋଇନଥାଏ। କାର୍ତ୍ତିକ ମାସରେ ମାଛ ମାଂସ ଆଦି ଆମିଷ ସେବନ କରିବା ଭଲ ନୁହେଁ ବୋଲି କୁହାଯାଏ। ଧାର୍ମିକ ବିଶ୍ୱାସ ଅନୁଯାୟୀ ଏହି ମାସରେ ଭଗବାନ ବିଷ୍ଣୁ ଜଳରେ ମତ୍ସ୍ୟ ଅବତାରରେ ବାସ କରନ୍ତି। ସେଥିପାଇଁ ଏହି ମାସରେ ମାଛ ଖାଇବା ଉଚିତ୍ ନୁହେଁ। ବୈଜ୍ଞାନିକ ଦୃଷ୍ଟି କୋଣରୁ ଦେଖିବାକୁ ଗଲେ ଆଷାଢ ମାସରେ ବର୍ଷା। ଓ ବନ୍ୟା ଯୋଗୁଁ ଜଳ ଦୂଷିତ ହୋଇଯାଇଥାଏ। ଦୂଷିତ ଜିନିଷ ସେବନ ଦ୍ୱାରା ବ୍ୟକ୍ତି



ରୋଗରେ ପୀଡିତ ହୋଇଥାଏ। ଦୂଷିତ ପାଣି ଯୋଗୁଁ ମାଛ ଦେହରେ ମଧ୍ୟ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ। ସେଥିପାଇଁ କାର୍ତ୍ତିକ ମାସରେ ମାଛ ଖାଇବା ଉଚିତ୍ ନୁହେଁ। କାର୍ତ୍ତିକ ମାସରେ ହରଡ ଓ ଚଣା ଡାଲି ସେବନ କରିବା ମଧ୍ୟ ଲାଭକାରୀ ନୁହେଁ ବୋଲି କୁହାଯାଏ। ଏହି ଡାଲି ସେବନ ଦ୍ୱାରା ପେଟ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ଥାଏ। କାର୍ତ୍ତିକ ମାସରେ ମଧ୍ୟ ଦହି ସେବନ କରିବା ଉଚିତ୍ ନୁହେଁ ବୋଲି କୁହାଯାଏ। ଦହି ବଦଳରେ କ୍ଷୀର ସେବନ କରିବା ସ୍ୱାସ୍ଥ୍ୟ ପକ୍ଷେ ହୀତକର ହୋଇଥାଏ। କାର୍ତ୍ତିକ ମାସରେ ଥଣ୍ଡା ପାଣି ମଧ୍ୟ ପିଇବା ଉଚିତ୍ ନୁହେଁ। ଏହି ମାସରେ ଥଣ୍ଡା ଦ୍ରବ୍ୟ ଠାରୁ ଦୂରେଇ ରହିବା ଉଚିତ୍। ଏହାଦ୍ୱାରା ସ୍ୱାସ୍ଥ୍ୟ ବିଗିଡିବାର ସମ୍ଭାବନା ଥାଏ। ଶ୍ୱାସରୋଗୀ କାର୍ତ୍ତିକମାସରେ ବିଶେଷ ସଚେତନ ରହିବା ଆବଶ୍ୟକ।

# କଟକରେ ଅପରାଧୀଙ୍କୁ ପୋଲିସ୍‌ର ଏନ୍‌କାଉଣ୍ଟରକୁ ସ୍ୱାଗତ

**କଟକ(ସଂପର୍କବାର୍ତ୍ତା):-** କଟକ କମିସନରେଟ ପୁଲିସରେ ପୁଣି ଆରମ୍ଭ ହୋଇଛି ଅପରାଧୀଙ୍କ ଏନକାଉଣ୍ଟର । କରୋନା କାରଣରୁ ୨୦୨୦ ବର୍ଷରେ ଏନକାଉଣ୍ଟର ଶୂନ ଥିଲା । କିନ୍ତୁ ୨୦୨୧ ମସିହାରେ ପୁଣି ଏନକାଉଣ୍ଟର ଆରମ୍ଭ ହେବା ଯୋଗୁଁ ଅପରାଧୀଙ୍କ ମଦ୍ୟରେ ଛନକା ପଶିଛି । କିଛି ଅପରାଧୀ ଏବେ କଟକ ଛାଡି ଦେଇଥିବା ସୂଚନା ମିଳିଛି । ୨୦୦୫, ସେପ୍ଟେମ୍ବର ୨୬ରେ ରାଣୀହାଟର ଗ୍ୟାଙ୍ଗଷ୍ଟର ଦୀପୁ ଓରଫ ସଂଗ୍ରାମ ସାହୁ ଶଗଡିଆ ସାହି ଭିତରେ ପୁଲିସ ଏନକାଉଣ୍ଟରରେ ପ୍ରାଣ ହରାଇଥିଲା । ଦୀପୁ ସେ ସମୟରେ ଦୁଇ ଜଣ ପୁଲିସ କର୍ମଚାରୀଙ୍କୁ ଛାତରୁ ଠେଲି ମାରି ଦେବାକୁ ଉଦ୍ୟମ କରିଥିବା ବେଳେ ପୁଲିସ ତାକୁ ଗୁଳି କରିଥିଲା । ଗୁଳିଟି ତାର ବାମ ପଟ ଛାତିରେ ବାଜିବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ହୋଇଥିଲା । ୨୦୦୫ରେ ଘଟିଥିବା ଏହି ଏନକାଉଣ୍ଟର କଟକ ସହର ସମେତ ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଥିଲା । ସେତେବେଳେ କଟକର ଏସପି ଥିଲେ ବର୍ତ୍ତମାନର ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ । ୨୦୦୫ ରୁ ୬ ବର୍ଷ ପର୍ଯ୍ୟନ୍ତ ଆଉ କଟକରେ ଏନକାଉଣ୍ଟର ଘଟ ନ ଥିଲା । ୨୦୧୧ ମସିହାରେ ମଙ୍ଗଳାବାଗ ଥାନା ପୁଲିସ ତିନିଘରିଆର ଗ୍ୟାଙ୍ଗଷ୍ଟର ଗୁଗୁ ଓରଫ ଶିବାଶିଷ ଖୁଣ୍ଟିଆକୁ ଅଗଷ୍ଟ ୧୯ରେ ଏନ୍‌କାଉଣ୍ଟର କରିଥିଲା । ୨୦୧୧ ରୁ ୨୦୧୬ ଶେଷ ଯାଏ ପୁଲିସ ଏନକାଉଣ୍ଟର ସଂଖ୍ୟା ଶୂନ ଥିବା ବେଳେ ୨୦୧୭ରେ ଗୋଟିଏ ବର୍ଷରେ ୬ଟି ଏନକାଉଣ୍ଟର ହୋଇଥିଲା । ଏପ୍ରିଲ୍ ୧୭ରେ ମଙ୍ଗଳାବାଗ ପୁଲିସ ବକ୍ସିବଜାର ପେନସନ ଲେନର ଅପରାଧୀ ଶେଖ ବାବୁକୁ ଏନକାଉଣ୍ଟର କରିଥିଲା । ସେହି ବର୍ଷ ଅଗଷ୍ଟ ୧୫ ତାରିଖ ରାତିରେ କାଠଯୋଡିର

**୧୬ ବର୍ଷରେ ୨୭ ଏନ୍‌କାଉଣ୍ଟର୍; ୨ ମୃତ**

ଜଷ୍ଟିସ ଗଡା ଉ କରେ ଧଳସାମନ୍ତ ସହଯୋଗୀ ରଘୁନାଥ ଦାସକୁ ମର୍କତ ନଗର ପୁଲିସ ଏନକାଉଣ୍ଟର କରିଥିଲା । ସେହି ବର୍ଷ ସେପ୍ଟେମ୍ବର ୫ ରେ ଗ୍ୟାଙ୍ଗଷ୍ଟର ସକିଲର ସହଯୋଗୀ ବାଉଁଶଗଳିର ଶେଖ ରାହୁଲକୁ ପୁରୀଘାଟ ଅଞ୍ଚଳରେ ଏନକାଉଣ୍ଟର କରାଯାଇଥିବା ବେଳେ ସେପ୍ଟେମ୍ବର ୨୫ରେ ଶଙ୍କରପୁର ଉପରସାହିର କାଳନ୍ଦୀ ଖୁଣ୍ଟିଆ, ଅକ୍ଟୋବର ୧୭ରେ ବାଦାମବାଡିରେ ସିରିଜ ବୋମା ମାଡ କରି ହଇଚଇ ସୃଷ୍ଟି କରିଥିବା ଖୋକନ ଓରଫ ପିନାକୀ ରଞ୍ଜନ ବାରିକକୁ ସନ୍ତୋଷ ପେଟ୍ରୋଲ ପମ୍ପ ନିକଟରେ, ଡିସେମ୍ବର ୮ ତାରିଖ ରାତିରେ ଯୋବ୍ରା ନଦୀକୂଳ ସାହିର ତପନ ନାୟକକୁ ମାଲଗୋଦାମ ଥାନା ପୁଲିସ ତତ୍ୱବଟ ନିକଟରେ ଏନକାଉଣ୍ଟର କରିଥିଲା।

୨୦୧୮ରେ ସର୍ବାଧିକ ୧୧ଟି ଏନକାଉଣ୍ଟର ହୋଇଥିଲା । ଜାନୁଆରି ୪ରେ ନୟାଗଡ ସରଣକୁଳର ବୁଦ୍ଧିଆ ଓରଫ ତ୍ରିଲୋଚନ ନାୟକକୁ ସଦର ଥାନା ପୁଲିସ ବାଲିକୁଦା ନିକଟ ବଢେଇ ସାହିରେ, ଜାନୁଆରି ୧୧ରେ ସୁନୀଲ ଓରଫ ସୌମ୍ୟ ରଞ୍ଜନ ସାହୁକୁ ଚୌଦ୍ୱାର ପୁଲିସ ବୋଧଇପଡିଆରେ, ଫେବୃଆରି ୨୮ରେ ଜଗତପୁରର ଗୁରିଆ ଓରଫ ଗୁରୁଚରଣ ପାତ୍ରକୁ ଜଗତପୁର ପୁଲିସ କେନାଲ ବନ୍ଧ ରାସ୍ତାରେ, ମାର୍ଚ୍ଚ ୪ରେ ସଦର ଅଞ୍ଚଳର ବାଲି ଘାଟ ମାଲିକଙ୍କୁ ବଟି ମାଗିବା ଘଟଣାରେ ଧଳସାମନ୍ତ ସହଯୋଗୀ ସଦା ଓରଫ ସଦା ନାୟକକୁ ସଦର ଥାନା ପୁଲିସ ଶ୍ରୀକୋରୁଆ ରାସ୍ତାରେ, ମାର୍ଚ୍ଚ ୧୧ ତାରିଖ ଦିନ ସଦର ଥାନା ପୁଲିସ ଭାଣପୁରର ମଙ୍ଗୁ ଓରଫ ମନୋଜ କୁମାର ମହାରଣା ଓ ବରହମପୁରର ତାଡିଆ ଓରଫ ଲିପୁ ଓରଫ ସୁଧାକର ପାତ୍ରକୁ ଏନକାଉଣ୍ଟର କରିଥିଲା । ସେହିଭଳି ଏପ୍ରିଲ ୫ରେ ଚାଉଳିଆଗଞ୍ଜ ଥାନା ପୁଲିସ ଟିଟୋ ସହଯୋଗୀ ଦିୱାନ ବଜାରର କାଳା ବାବୁ ଓ ସାଇଲୋ ଗୋବିନ୍ଦପୁର ଅଞ୍ଚଳର ଡେଙ୍ଗା ଓରଫ ଅଲେଖ ରାଉତରାୟକୁ ଉଦିମୂଳ ଅଞ୍ଚଳରେ, ମେ ୨୦ରେ ସଦର ପୁଲିସ କାବୁ ଓରଫ ଉତ୍ତମ ସିଂହକୁ ତ୍ରିଶୂଳିଆ ନଈ ବନ୍ଧରେ, ଅଗଷ୍ଟ ୧୭ରେ ରାଣୀହାଟ ଶଗଡିଆ ସାହିର ଚିକୁ ଓରଫ ଅନୀଲ କୁମାର ବେହେରାକୁ ବାଦାମବାଡିରେ, ଡିସେମ୍ବର ୨ରେ ପୁଣି ଗୁରିଆ ଓରଫ ଗୁରୁଚରଣ ପାତ୍ରକୁ ଜଗତପୁର ପୁଲିସ ଏନକାଉଣ୍ଟର କରିଥିଲା।

୨୦୧୯ରେ ପୁଲିସ ଅଗଷ୍ଟ ୨୧ରେ ଅମିତ ଓରଫ ମନୋଜ ପାତ୍ରକୁ, ସେପ୍ଟେମ୍ବର ୧୧ରେ ବୁଦ୍ଧିଆ ଓରଫ ବିଷ୍ଣୁ ଦାସକୁ, ଅକ୍ଟୋବର ୧୦ରେ ଅପର୍ଣ୍ଣାନଗରର ଜିତୁ ଓରଫ ଅଜୟ ସାହୁକୁ ମର୍କତନଗରରେ, ଏହାର ଗୋଟିଏ ଦିନ ପରେ ଜିତୁର ସହଯୋଗୀ ମୁନା ଦେହୁରୀକୁ, ଡିସେମ୍ବର ୧୧ରେ ମହାରାଷ୍ଟ୍ରର ଲୁଟେରା ବାବୁଲ ଓରଫ ସଚିନ ପାୱାରକୁ ବାରଙ୍ଗ ଅଞ୍ଚଳରେ ପୁଲିସ ଏନକାଉଣ୍ଟର କରିଥିଲା ।

୨୦୨୧ରେ ଏପର୍ଯ୍ୟନ୍ତ କଟକ ପୁଲିସ ୩ଟି ଏନକାଉଣ୍ଟର କରି ସାରିଛି । ଏପ୍ରିଲ ୩୦ରେ ବାରଙ୍ଗ ପୁଲିସ ସକିଲ ସହଯୋଗୀ ବରଣ ବାବୁକୁ, ଜୁଲାଇ ୨୪ରେ କେନ୍ଦ୍ରାପଡାର ଗ୍ୟାଙ୍ଗଷ୍ଟର ଶେଖ ହାଇଦରକୁ, ଅକ୍ଟୋବର ୧୬ରେ କନ୍ଦରପୁର ଥାନା ପୁଲିସ ବାଲିକୁଦା ଜଗତସିଂହପୁରର ରାକା ଓରଫ ରାକେଶ ଦାସକୁ ଏନକାଉଣ୍ଟର କରିଛି । ଅଧିକାଂଶ ଗ୍ୟାଙ୍ଗଷ୍ଟରର ବିଭିନ୍ନ ଜେଲରେ ଥିଲେ ବି ସହଯୋଗୀଙ୍କ ମାଦ୍ୟମରେ ବଟି ଓ ଟେଣ୍ଡର ଫିକ୍ସିଂ କରି ମୁଣ୍ଡ ଟେକିବାକୁ ଉଦ୍ୟମ କରିବା ତଥ୍ୟ ସାମନାକୁ ଆସିଥିବା ବେଳେ କଟକ ଡିସିପି ପ୍ରତୀକ ସିଂହ ଓ ସ୍ପେଶାଲ ସ୍କ୍ୱାଡ ପୁଣି ଅପରାଧୀ ଦମନ ଅଭିଯାନ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ୮ଜଣ ଅପରାଧୀଙ୍କୁ ତାଲିକା ପ୍ରସ୍ତୁତ କରାଯିବା ସହିତ ପୁଲିସ ଏବେ ସେମାନଙ୍କ ଗତିବିଧି ଉପରେ ନଜର ରଖିଛି।

## ବରିଷ୍ଠ ସାହିତ୍ୟିକ ଡ଼ା.ଚନ୍ଦ୍ରମଣି ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ଓଡ଼ିଶାର ସ୍ୱନାମଧନ୍ୟ ଲେଖକ, ବାଗ୍ମୀ, ବରିଷ୍ଠ ଭେଷଜବିତ, ସାହିତ୍ୟିକ ଡ଼ା. ଚନ୍ଦ୍ରମଣି ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ଥାନୀୟ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଗେଟବଜାରସ୍ଥିତ ବିଶ୍ୱନାଥ କଲ୍ୟାଣ ମଣ୍ଡପ ପରିସରରେ ଶନିବାର ପୂର୍ବାହ୍ନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ତଥା ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବୟୋଜ୍ୟେଷ୍ଠ ଭେଷଜ ବିଶେଷଜ୍ଞ ତଥା ସମାଜସେବୀ ପ୍ରଫେସର ଡ଼ା.ପି.ସି. ସାହୁ, ମୁଖ୍ୟବକ୍ତା ଭାବେ ବର୍ଷିୟାନ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ପଣ୍ଡିତ ବିଶ୍ୱନାଥ ଶତପଥୀ ପ୍ରମୁଖ ଯୋଗଦେଇ ଡ଼ାକ୍ତର ସ୍ୱାଇଁଙ୍କ ଆଦର୍ଶ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ସେ ଉଚ୍ଚକୋଟୀର ସାହିତ୍ୟ ସର୍ଜନା କରି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଯାଇଛନ୍ତି ବୋଲି



କହିଥିଲେ । ପ୍ରତିଷ୍ଠାନର ସାଧାରଣ ସମ୍ପାଦକ କପିଳ ଚନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତା ରାମକୃଷ୍ଣ ପାତ୍ର, ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ଡ଼ା. ଶଙ୍କର୍ଷଣ ପାତ୍ର, କୃଷ୍ଣଚନ୍ଦ୍ର ଦାସ, ଦୀନବନ୍ଧୁ ଶ୍ରୀପଲ୍ଲବ, ବନ୍ଦନା ମହାପାତ୍ର, ରଜନୀକାନ୍ତ ପାଢ଼ୀ, ସୁଶାନ୍ତ କୁମାର କର, ଚିନ୍ମୟ ରଞ୍ଜନ ମିଶ୍ର, ନଳିନୀକାନ୍ତ ଗୌଡ଼, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, ଲାଲବାହାଦୁର ପଟ୍ଟନାୟକ, ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ଡ଼ାକ୍ତର ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିବା ବେଳେ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ବୃନ୍ଦାବନ ବାଡ଼ତ୍ୟା, ଶିବ ସୁନ୍ଦର ରଥ, ପଦ୍ମିନୀ ମିଶ୍ର, ସୁଧାଞ୍ଜଳି ମିଶ୍ର, ପ୍ରମିତା ପଣ୍ଡା, ଆର.ସୁନନ୍ଦା ଚୌଧୁରୀ, ବିଜୟ କୁମାର ପାଢ଼ୀ ପ୍ରମୁଖ କବିତା ପାଠ କରି ସ୍ୱର୍ଗତ ଡ଼ା. ଚନ୍ଦ୍ରମଣି ସ୍ୱାଇଁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଡ଼ା. ସ୍ୱାଇଁଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ଶ୍ଳୋକାବୃତ୍ତି କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ତାଙ୍କ ପୁତ୍ର ଅସିତ ସ୍ୱାଇଁ ଓ ରଞ୍ଜିତ ସ୍ୱାଇଁଙ୍କ ସମେତ ପରିବାର ବର୍ଗ ସକ୍ରିୟ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଥାନା ଛକ ଠାରେ ମମିତା ମେହେରଙ୍କ ନିଖୋଜ ଘଟଣାରେ ଅଭିଯୁକ୍ତ ଗୋବିନ୍ଦସାହୁଙ୍କୁ ଫେରାର କରାଇଥିବା ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବି କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ଘଟଣାରେ ସଂପୃକ୍ତି ଥିବା




ବିଜେପି ଓବିସି ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚାର ସଭାପତି ସୁବୋଧ କୁମାର ବାରିକ, ଜିଲ୍ଲା ବିଜେପି ସାଧାରଣ ସଂପାଦକ ଜ୍ୟୋତିରଂଜନ ସାହୁ, ସମ୍ବିତ ବେହୁରା, ସଂଜୟ ପରିଡା, ହିମାଂଶୁ ସାହୁ, ମନୋଜ ଶୁକ୍ଳା, ଲିଙ୍ଗରାଜ ବାରିକ ପ୍ରମୁଖ ବିଜେପି ଓବିସି ମୋର୍ଚ୍ଚାର କର୍ମୀମାନେ ଉପସ୍ଥିତ ରହି ନାରାବାଜି ଦେବା ସହ ତୁରନ୍ତ ରାଜ୍ୟ ସରକାର ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରନ୍ତୁ ନଚେତ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନି ଦେଇଥିଲେ। ଏଠାରେ ପ୍ରକାଶ ଥାଉକି ବିଜେପି ଓବିସି ମୋର୍ଚ୍ଚା ପକ୍ଷରୁ କେତେକ ହାତଗଣତି ଯୁବକ ସାମିଲ୍ ହୋଇଥିବା ନେଇ ସଂଗଠନକୁ ଦେଖଣାହାରି ନାପସନ୍ଦ କରୁଥିବା ଲକ୍ଷ୍ୟ କରାଯାଉଛି।

## ଚାଉଳିଆଗଞ୍ଜରେ ମଦୁଆଙ୍କ ଆତଙ୍କରାଜ

**କଟକ(ତପନ ମହାନ୍ତି):-** ଚାଉଳିଆଗଞ୍ଜ ଥାନାଞ୍ଚଳରେ ମଦୁଆଙ୍କ ଉତ୍ପାତ ବଢିବାରେ ଲାଗିଛି। ବିଶେଷକରି ସଂନ୍ଧ୍ୟା ହେଲେ ଅନ୍ଧାରୁଆ ସ୍ଥାନରେ ଅସାମାଜିକ ଆଡ୍ଡା ଜମୁଛି । ସେମାନ ସାଧାରଣ ସ୍ଥାନରେ ମଦ୍ୟପାନ କରି ଉତ୍ପାତ କରୁଛନ୍ତି । ଏମାନଙ୍କ ଦ୍ୱାରା ରାସ୍ତାରେ ଯାଉଥିବା ଯାତ୍ରୀମାନେ ମଧ୍ୟ ଦୁର୍ବ୍ୟବହାରର ଶିକାର ହେଉଛନ୍ତି ଏହାର ପ୍ରତିବାଦ କଲେ ମାଡ ମାରିବାକୁ ମଦ୍ୟପ ପଛଉନାହାନ୍ତି। ବାରମ୍ବାର ଏପରି ପାଇବା ପରେ ଚାଉଳିଆଗଞ୍ଜ ଥାନା ପୁଲିସ୍ ପକ୍ଷରୁ ଆଜି ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଚଢଉ କରାଯାଇଥିଲା। ସର୍ବସାଧାରଣ ସ୍ଥାନରେ ମଦ୍ୟପମାନେ ମଦପିଇ ଉତ୍ପାତ କରୁଥିବା ପୁଲିସ ଦେଖିଥିଲା । ପ୍ରାୟ ୧୫ ରୁ ଅଧିକ ମଦ୍ୟପକୁ ପୁଲିସ ଥାନାକୁ ଆଣି ଜରିମାନା ଆଦାୟ କରିବା ସହ ବ୍ୟକ୍ତିଗତ ମୁକାବିଲାରେ ଛାଡିଦେଇଛି । ଅନ୍ୟପକ୍ଷେ ଚାଉଳିଆଗଞ୍ଜ ଅଞ୍ଚଳରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି । ସଂଗଠିତ ଅପରାଧ ଘଟାଇବା ପାଇଁ ଅପରାଧୀମାନେ ଯୋଜନା ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଥିଲା ଏପରିକି ପୁଲିସ ନିକଟରେ ଏପରି କେତେକ ଅପରାଧୀଙ୍କୁ ଗିରଫ କରିଥିଲା ଏହି ଥାନାଞ୍ଚଳରେ ମଦ୍ୟପଙ୍କ ଉତ୍ପାତ ବଢିବା ଯୋଗୁ ଅପରାଧ ଘଟିବାର ଆଶଙ୍କା ରହିଛି । ତେଣୁ ପୁଲିସ ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ଲାଗି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ୬ ମାସ ହେଲା ପେଟରେ ଥିଲା ମୋବାଇଲ୍, ଏକ୍ସରେ ରିପୋର୍ଟ ଦେଖି ଡାକ୍ତର ତାଜୁବ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଅନେକ ଦିନ ଧରି ପେଟରେ ହେଉଥିଲା ବ୍ୟଥା। ଚିକିତ୍ସା ନିମନ୍ତେ ଡାକ୍ତରଙ୍କ ପାଖକୁ ଗଲେ ଡାକ୍ତରଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ ଯୁବକ। ରୋଗୀଙ୍କ ପେଟରେ ରହିଛି ଏକ ମୋଇବାଲ୍। ପ୍ରାୟ ୬ ମାସ ହେବ ଯୁବକଙ୍କ ପେଟରେ ରହିଥିଲା ଏହି ମୋବାଇଲ୍। ଯାହାଲାଗି ଅନେକ ପ୍ରକାର ଅସୁବିଧା ସମ୍ମୁଖୀନ ହେଉଥିଲେ ଯୁବକ।

ଖବର ଅନୁଯାୟୀ, ୩୩ ବର୍ଷୀୟା ଯୁବକଙ୍କ ପେଟରେ ଅନେକ ଦିନ ହେବ ପେଟରେ ବ୍ୟଥା ହେଉଥିଲା। ଯାହାର ଚିକିତ୍ସା ନିମନ୍ତେ ମିଶ୍ରର ଉସ୍‌ୱାନ୍ ବିଶ୍ୱବିଦ୍ୟାଳୟରେ ଭର୍ତ୍ତି ହୋଇଥିଲା। ସେଠାରେ ଡାକ୍ତର ତାଙ୍କର ଚିକିତ୍ସା ଆରମ୍ଭ କରିଥିଲେ। ପ୍ରଥମେ ପେଟର ଏକ୍ସ-ରେ କରିଥିଲେ। ଏହି ଏକ୍ସ-ରେରେ ପେଟରେ ଏକ




ମୋବାଇଲ୍ ରହିଥିବା ଡାକ୍ତର ଜାଣିବାକୁ ପାଇଥିଲେ। ଜୀବନ ପ୍ରତି ଏହା ବିପଦ ଦେଖି ଡାକ୍ତରମାନେ ଅପରେସନ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଅପରେସନ୍ ପରେ ଯୁବକଙ୍କ ମୋବାଇଲ୍‌ଟି ବାହାର କରିଥିଲେ ଡାକ୍ତର। ଏହି ମୋବାଇଲ୍‌ଟି ତାଙ୍କ ପେଟରେ ଗତ ୬ ମାସ ହେଲା ରହିଥିଲା ବୋଲି ଅନୁମାନ କରାଯାଉଛି।

ତେବେ ଅପରେସନ ହୋଇ ଯୁବକଙ୍କ ମୋବାଇଲ୍‌ଟି ବାହାରିଛି। ହେଲେ ମୋବାଇଲ୍‌ଟି ପେଟ ଭିତରକୁ କିପରି ଗଲା ? ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ଜୀବନ ପ୍ରତି ବିପଦକୁ ଦେଖି ତୁରନ୍ତ ସର୍ଜରୀ କରିଥିଲେ ଡାକ୍ତର। ସେପଟେ ଉଦ୍‌ୱାନ୍ ବିଶ୍ୱବିଦ୍ୟାଳୟ ହସ୍ପିଟାଲରୁ ନିର୍ଦ୍ଦେଶକ କହିଛନ୍ତି ଯେ, ତାଙ୍କ ଜୀବନ କାଳ ମଧ୍ୟରେ ବିରଳ ଘଟଣା। ଯେଉଁଥିରେ କି ଜଣେ ଆକ୍ରାନ୍ତଙ୍କ ପେଟରୁ ନୋକିଆ ୩୩୧୦ ଫୋନ୍ ବାହାରିଛି।

# ରଘୁନାଥପୁର ତଅଁରା ପଞ୍ଚାୟତବାସୀଙ୍କ ନିଷ୍ପତ୍ତି, ରାସ୍ତା ନାହିଁ ତ ଭୋଟ ନାହିଁ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଜଗତ୍‌ସିଂହପୁର ଜିଲ୍ଲାର ଅନେକ ଗ୍ରାମକୁ ରାସ୍ତା ନାହିଁ। ଅନେକ ଗ୍ରାମର ରାସ୍ତାରେ ମୁଠାଏ ମାଟି ପକାଯାଇନାହିଁ। ଯେଉଁଠି ରାସ୍ତାର ଆବଶ୍ୟକ ନାହିଁ କିମ୍ବା ଯେଉଁ ରାସ୍ତାରେ ଆଦୌ ଲୋକମାନଙ୍କର ଯାତାୟତ ନାହିଁ ସେହିଭଳି ସ୍ଥାନରେ ରାଜନେତା ମାନେ ଦୂରଦୃଷ୍ଟି ନରଖି କେବଳ କେତେକ କୁଜିନେତାଙ୍କୁ ଖୁସି କରାଇବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରିଅଛନ୍ତି। ଅଥଚ ଯେଉଁ ରାସ୍ତାରେ ଗ୍ରାମର ହଜାର ହଜାର ଲୋକ ଓ ଶହଶହ ଯାନବାହାନ ଯାତାୟତ ଉପରେ ନିର୍ଭର କରିଥାନ୍ତି, ସେ ରାସ୍ତାରେ ସରକାର ମୁଠାଏ ମାଟି ପକାଇନାହାଁନ୍ତି। ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ରଘୁନାଥପୁର ବ୍ଲକ ଅନ୍ତର୍ଗତ ତଅଁରା ପଂଚାୟତର କରୋଡା ପଡାଗ୍ରାମ ଜରିନାବାଜ ଏବଂ ତଅଁରା ଦଣ୍ଡାସାହି, ଶାଳିଜଙ୍ଗାର ମୁଦୁଲିସାହି ଓ ଗଉଡ ସାହିକୁ ବର୍ଷାଦିନେ ଆମ୍ବୁଲାନ୍ସ ପଶିପାରେ ନାହିଁ। ଦଣ୍ଡାସାହି ତାରିଣୀ ଛକରୁ ଶାଳିଜଙ୍ଗା ୨.୫ କିଲୋମିଟର ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡକ ଯୋଜନା ରାସ୍ତାନିର୍ମାଣ ପାଇଁ ୪ବର୍ଷ ହେଲା ଟଙ୍କା ମଂଜୁର ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାସ୍ତାକାର୍ଯ୍ୟ ନିମନ୍ତେ ଟେଣ୍ଡର କରାଯାଉନାହିଁ। ଜଇନାବାଜ ଗ୍ରାମ ଦ୍ୱୀପାଚଂଳ ଭଳି ପୂର୍ବରେ ଶାଳିଜଙ୍ଗା, ପଶ୍ଚିମରେ ଦଣ୍ଡାସାହି ଓ ଦକ୍ଷିଣରେ କରୋଡା ଗ୍ରାମ ଅବସ୍ଥିତ। ଏହି ୩ଟି ଗ୍ରାମର କୌଣସି ୧ଟି ଗ୍ରାମ ରାସ୍ତାରେ ବର୍ଷାଦିନେ ସାଇକେଲ ଟିଏ ମଧ୍ୟ ଯାଇପାରେ ନାହିଁ। ବିଦ୍ୟାଳୟକୁ ଛାତ୍ରଛାତ୍ରୀ ମାନେ ଯାତାୟତ ନିମନ୍ତେ ନାହିଁନଥିବାର ସମ୍ମୁଖୀନ ହୋଇଥାନ୍ତି। ପ୍ରସୂତି ମହିଳାମାନେ ଭାରରେ ବୁହାହୋଇ ୧.୫ କିମି ଦୂର ପକ୍କା ରାସ୍ତା ପର୍ଯ୍ୟନ୍ତ ନେବାକୁ ପଡିଥାଏ। ଉପରୋକ୍ତ ସାହିକୁ ତଳେଇ ରାସ୍ତା ତୁରନ୍ତ ନିର୍ମାଣ କରାନଗଲେ ଗ୍ରାମବାସୀ ଶିକ୍ଷାବିତ ପ୍ରାଣକୃଷ୍ଣ ନାୟକ, ଦୀପକ ମନାୟକ, ଅମର ନାୟକ, ଜଗବନ୍ଧୁ ନାୟକ, ସମାଜସେବୀ ବିଜନ ମହାପାତ୍ର, ଅଧ୍ୟାପିକା ଗୀତା ରଥ, ସମାଜସେବୀ ଗୋବିନ୍ଦ ଓଝା ପ୍ରମୁଖ ଆସନ୍ତା ପଂଚାୟତ ଭୋଟ ବର୍ଜନ କରିବା ସହିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଲିଖିତଭାବେ ଜଣାଇଛନ୍ତି।

# ଦୋଳମୁଣ୍ଡାଇ-ମଧୁପାଟଣା ଟ୍ରାଫିକ୍ ଆଣ୍ଠେଇଛି

କଟକ(ତପନ ମହାନ୍ତି):- ନୂଆ ପରିବହନ ଆଇନ ଅନତସାରେ ଏବେ ଅଧିକ ଜୋରିମାନା ଆଦାୟ ଚାଲିଛି । ତେବେ କଟକ କମିଶନରେଟ ପୁଲିସ କେବଳ ହେଲମେଟ ଚେକିଂରେ ବ୍ୟସ୍ତ ରହୁଥିଲା ବେଳେ କେତେକ କ୍ଷେତ୍ରରେ ଗୁରୁତର ଟ୍ରାଫିକ ଅବ୍ୟବସ୍ଥା ନେଇ ହାତ ଟେକି ଦେଉଥିବା ଦେଖିବାକୁ ମିଳିଛି । କଟକ ସହରର ପ୍ରବେଶ ପଥ କୁହାଯାଉଥିବା ବାଦାମବାଡି-ଲିଙ୍କରୋଡ ହେଉ ଅବା ଦୋଳମୁଣ୍ଡାଇରୁ ବାଦାମବାଡି ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଏପରିକି ଏହି ଅବ୍ୟବସ୍ଥା ସବୁ ସମୟରେ ବାରି ହୋଇ ପଡୁଛି । ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଯାତ୍ରୀବାହୀ ବସ ଓ ଅଟୋ ବାଟ ଛାଡୁନାହାନ୍ତି । ରାସ୍ତା ମଝିରେ ବି ଗାଡିଗୁଡିକ ଅଟକି ରହି ଯାତ୍ରୀ ଉଠାଉଥିବା ନିତି ଦେଖିବାକୁ ମିଳୁଛି । ମଧୁପାଟଣା ଠାରୁ ବାଦାମବାଡି ପ୍ରାୟ ଅଢେଇ କିଲୋମିଟର ଦୀର୍ଘ ରାସ୍ତାରେ ଶହଶହ ବସ ଦୈନିକ ବେଆଇନ ପାର୍କିଂ କରାଯାଉଛି । ସେହିପରି ଦୋଳମୁଣ୍ଡାଇରୁ ବାଦାମବାଡି ଟ୍ରାଫିକ ଛକ ପର୍ଯ୍ୟନ୍ତ ରାସ୍ତା ଅତିକ୍ରମ କରିବାକୁ ଦୀର୍ଘ ସମୟ

**ଅଟୋରିକ୍ସା ଓ ବସ୍ ମନଇଚ୍ଛା ଯାତ୍ରୀ ଉଠାଉଛନ୍ତି**

ଲାଗିଯାଉଛି । ଏହି ରାସ୍ତାରେ ଦୋଳମୁଣ୍ଡାଇ ଆଡୁ ମଧୁପାଟଣା ଆଡକୁ ଯିବାକୁ ଚାହୁଁଥିବା ଗାଡିଗୁଡିକ ଆଗରେ ଅଟୋରିକ୍ସା ଗୁଡିକ ପ୍ରତିବନ୍ଧକ ହେଉଛନ୍ତି । ଅପରପକ୍ଷେ ଏହି ରାସ୍ତା କଡରେ ଫଳ ଓ ଅନ୍ୟାନ୍ୟ ସାମଗ୍ରୀ ବିକୁଥିବା ଉଠା ଦୋକାନୀ ମାନେ ବି କବଜା କରିଛନ୍ତି । ସେହିପରି ଅଟୋ ଗୁଡିକ ଏହି ସ୍ଥାନରେ ଯାତ୍ରୀ ଉଠାଇଛନ୍ତି । ଫଳରେ ନାହିଁ ନଥିବା ଟ୍ରାଫିକ ସମସ୍ୟା ହେଉଛି । ବାଦାମବାଡି-ମଧୁପାଟଣା ରାସ୍ତାରେ ନିର୍ଦ୍ଦିଷ୍ଟ କେଉଁ ସ୍ଥାନକୁ ଯାତ୍ରୀଙ୍କୁ ବସ ଗୁଡିକ ଉଠାଇବେ ଓ ଓହ୍ଲାଇପାରିବେ ତାହା ସ୍ଥିର ହୋଇଥିଲା । ହେଲେ ଏହାକୁ କୌଣସି ଯାତ୍ରୀବାହୀ ବସ ପାଳନ କରୁନାହାନ୍ତି । କଟକ ସହରକୁ ଦୈନନ୍ଦିନ ପ୍ରାୟ ୧୭୦୦ରୁ ଅଧିକ ବସ ଓ ତିନି ହଜାରରୁ ଅଧିକ ଅଟୋରିକ୍ସା ଯାତାୟତ କରୁଥିଲା ବେଳେ ପାର୍କିଂ ପାଇଁ ଜାଗା ଅଭାବ ଆଳରେ ବହୁ ବସ ରାସ୍ତା କଡରେ ଘଣ୍ଟା ଘଣ୍ଟା ଧରି ପାର୍କିଂ କରୁଛନ୍ତି । ଯାହା ଫଳରେ ଟ୍ରାଫିକ ସମସ୍ୟା ବିଗିଡିବାରେ ଲାଗିଛି । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକଦା ଟ୍ରାଫିକ ମ୍ୟାନେଜମେଣ୍ଟ କମିଟି ପକ୍ଷରୁ ବସ ଗୁଡିକର ପ୍ରକଷ୍ଟ ପାର୍କିଂ ଲାଗି ମଧୁପାଟଣା ଠାରୁ ଖାନନଗର ପର୍ଯ୍ୟନ୍ତ ରେଳଲାଇନ ପାର୍ଶ୍ୱରେ ରହିଥିବା ରେଳବାଇ ଜାଗାକୁ ବ୍ୟବହାର କରାଯାଇଥିଲା । ହେଲେ ଏହି ଜାଗାରେ ସବୁ ବସ୍ ପାର୍କିଂ କରୁ ନଥିବାର ଜଣାପଡିଛି ।

## ଭୋକାଞ୍ଜୀ ଗ୍ରାମର ସରକାରୀ ରାସ୍ତାରୁ ଜବରଦଖଲ ଉଚ୍ଛେଦ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅଧିନସ୍ଥ କଣ୍ଟିଲୋ ଗ୍ରାପଞ୍ଚାୟତର ଭୋକାଞ୍ଜୀ ଗ୍ରାମର ସରକାରୀ ରାସ୍ତା ଚିହ୍ନଟ ଓ ଜବରଦଖଲ ଉଚ୍ଛେଦ ଦାବୀରେ ଭୋକାଞ୍ଜୀ ଗ୍ରାମବାସୀମାନେ ଜଗତସିଂହପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଗ୍ରାମବାସୀ କୁହନ୍ତି ଆଜକୁ ଦିର୍ଘ ୪୦ବର୍ଷରୁ ଉର୍ଦ୍ଧ୍ୱ ହେବ ଭୋକାଞ୍ଜି ଗ୍ରାମକୁ ସରକାରୀ ସ୍ତରରେ ରାସ୍ତାଟିଏ ଚିହ୍ନଟ ହୋଇପାରୁନାହିଁ। କିଛି ବିଶୃଙ୍ଖଳିତ ଲୋକ ରାସ୍ତାକୁ ମାଡି କୋଠାଘର ଓ ପାଚେରୀ ନିର୍ମାଣ କରିଦେବାରୁ ଗ୍ରାମର ଲୋକମାନଙ୍କର ଯାତାୟତ ରେ ଘୋର ଅସୁବିଧା ହେବା ସହ




ଆମ୍ବୁଲାନ୍ସ ଓ ଦମକଳ ଆସିପାରୁ ନାହିଁ। ଏପରିକି ଗ୍ରାମରେ ଯଦି କିଏ ମୃତ୍ୟୁବରଣ କଲେ କୋକେଇ କାନ୍ଧେଇ ଘରିଜଣ ଯିବାକୁ ମଧ୍ୟ ବାଟନାହିଁ। ତେଣୁ ସରକାରୀ ସ୍ତରରେ ତୁରନ୍ତ ରାସ୍ତା ଚିହ୍ନଟ ଓ ରାସ୍ତା ଜବରଦଖଲ ଉଚ୍ଛେଦ କରାଯିବା ସହିତ ରାସ୍ତା ନିର୍ମାଣ କରିବା ଦାବିରେ ଧାରଣରେ ବସିଥିଲେ। ତେବେ ଧାରଣା ସ୍ଥଳରେ ତହସିଲ ଦାର ଆସି ଭୋକାଞ୍ଜୀ ଗ୍ରାମର ସମସ୍ୟାକୁ ଖୁବଶିଘ୍ର ପୁରଣ କରାଯିବାର ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଗୋପବନ୍ଧୁ ପାର୍କକୁ ଅପରାହ୍ନ ଖୋଲାଯାଉ

**କଟକ(ତପନ ମହାନ୍ତି):-** କଟକ ବକ୍ସିବଜାରରେ ଥିବା ଉତ୍କଳମଣି ଗୋପବନ୍ଧୁ ପାର୍କର ଖୋଲିବା ସମୟ ସକାଳ ୬ଘଣ୍ଟିକା ହୋଇଥିଲାବେଳେ ବନ୍ଦ ହେବା ସମୟ ରାତ୍ର ୯ ଘଣ୍ଟିକା କରାଯାଇଛି । ଏହି ପାର୍କ ଲକ୍‌ଡାଉନ ସଟ୍‌ଡାଉନରେ ବନ୍ଦ ରହିଥିଲାବେଳେ ବର୍ତ୍ତମାନ ଲକଡାଉନ ସଟଡାଉନ୍ ଉଠିଯିବାପରେ ଏହି ପାର୍କ ଅପରାହ୍ନ ୪ଟାରୁ ଖୋଲି ୬ଟାରେ ବନ୍ଦ କରିଦିଆଯାଉଛି । ପାର୍କ ଭିତରେ ଯଦିଓ ଇଲେକ୍ଟ୍ରି ସୁବିଧା ରହିଛି କିନ୍ତୁ ଲକଡାଉନ ସଟ୍‌ଡାଉନ ପରଠାରୁ ଏହି ପାର୍କ ଭିତରେ ଇଲେକ୍ଟ୍ରି ଆଲୁଅ ଜଳୁନଥିବା ସ୍ଥାନୀୟ ଲୋକ କୁହନ୍ତି । ବର୍ତ୍ତମାନ ସଂନ୍ଧ୍ୟା ୫ଟାରୁ ହୋଇଯାଉଥିବାରୁ ବହୁ ଅଭିଭାବକ ସେମାନଙ୍କ ପିଲା ବୁଲାବୁଲି ଖେଳାଖେଳି କରିବାରେ ସମସ୍ୟା ଦେଖାଦେଇଛି । ସଂନ୍ଧ୍ୟାପରେ ପାର୍କ ଭିତରେ ଇଲେକ୍ଟ୍ରି ଆଲୁଅ ଜଳୁନଥିବାରୁ ବହୁ ଅସାମାଜିକ ଯୁବକ ଲୁଚିଛପି ଆସି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଆଡ୍ଡା ଜମାଉଥିବା ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ ହେଉଛି ଏଥିପ୍ରତି ମହାନଗର ନିଗମର କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ଦିନ ୩ଟାରୁ ଏହି ପାର୍କକୁ ଖୋଲିବା ପାଇଁ ଅଭିଭାବକ ମାନଙ୍କ ପକ୍ଷରୁ ଦାବି ହେଉଛି କାରଣ ଦିନ ଛୋଟ ହୋଇଥିବାରୁ ବହୁ ଶୀଘ୍ର ସଂନ୍ଧ୍ୟା ହୋଇଯାଉଛି । ଯାହାଫଳରେ ପିଲାମାନେ ଖେଳାଖେଳି କରିପାରୁନାହାନ୍ତି । ଏଥିପ୍ରତି ମହାନଗର ନିଗମ ଦୃଷ୍ଟି ଦେବାକୁ ଦାବି ହେଉଛି ।



# ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର EICଙ୍କୁ କଟକ ଯନ୍ତ୍ରୀଙ୍କ ବେଖାତିର

**କଟକ(ତପନ ମହାନ୍ତି):-** ଲୋକଙ୍କ ହିତ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । କିନ୍ତୁ କିଛି ଅଧିକାରୀଙ୍କ ଅବହେଳା ପାଇଁ ଜନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲୁଏସ୍ ଏସ୍) ବିଭାଗରେ ଏପରି କିଛି ଅଧିକାରୀଙ୍କ କାର୍ଯ୍ୟ ପଦାକୁ ଆସିଛି । ଜାଣି ଶୁଣି ପ୍ରକଳ୍ପ ବିଳମ୍ବିତ କରୁଥିବା ଅଧିକାରୀଙ୍କୁ ବିଭାଗ ପକ୍ଷରୁ ଚରମବାଣୀ ଶୁଣାଇ ଦିଆଯାଇଥିଲା । କିଛି ଦିନ ତଳେ ଆରଡବ୍ଲୁ ଏସ୍ ଏସ୍‌ର ସର୍ବୋଚ୍ଚ ଯନ୍ତ୍ରୀ ଏହି ମର୍ମରେ ବିଭାଗର ସମସ୍ତ ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନଙ୍କୁ ପତ୍ର ଲେଖି ନିଜ କର୍ତ୍ତବ୍ୟ ପ୍ରତି ସଚେତନ ରହିବା ପାଇଁ ଚେତାଇ ଦେଇଛନ୍ତି । ଗ୍ରାମାଞ୍ଚଳର ଜଳ ଯୋଗାଣ ବ୍ୟବସ୍ଥାର ସୁପରିଚାଳନା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । କିନ୍ତୁ ଏପରି ଏକ ଅତ୍ୟାବଶ୍ୟକ ସେବାରୁ ଲୋକେ ବଞ୍ଚିତ ହେଉଛନ୍ତି । ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ନିଜ ପତ୍ରରେ ଜଳ ବିଶୋଧନାଗାର ପାଇଁ ତାଲିକା ପ୍ରସ୍ତୁତ କରିବା ପାଇଁ ଅଧିକ୍ଷଣ ଯନ୍ତ୍ରୀ ତଥା ନିର୍ବାହୀ ଯନ୍ତ୍ରୀ ମାନଙ୍କ ସହ ବୈଠକ ଆୟୋଜନ କରାଯାଉଛି । ତେବେ ଟେଣ୍ଡର ଚୂଡାନ୍ତ କରିବା ପୂର୍ବରୁ କୌଣସି ଦୋଷ ତ୍ରୁଟି ଥିଲେ ତାହା ଯାଞ୍ଚ କରିବା ପାଇଁ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପୂନର୍ବାର ବୈଷୟିକ କମିଟି ବୈଠକ ଡକାଯାଇଥିଲା । କିନ୍ତୁ କିଛି ନିର୍ବାହୀଯନ୍ତ୍ରୀ ସରକାରୀ କାର୍ଯ୍ୟର ବାହାନା କରି ଅନୁପସ୍ଥିତ ରହୁଛନ୍ତି । ନିଜେ ଆସିବା ବଦଳରେ ସେମାନେ ନିଜ କାର୍ଯ୍ୟାଳୟର ଅଧସ୍ତନ କର୍ମଚାରୀଙ୍କୁ ପଠାଇ କାମ ସାରି ଦେଉଛନ୍ତି । ଏହା ସତ୍ତ୍ୱେ ବୈଷୟିକ କମିଟିର ଅନୁମୋଦନ ପ୍ରକ୍ରିୟା ଶେଷ ହେବା ପରେ ଡିଏସ୍‌ଆର ପ୍ରସ୍ତୁତ ସମୟରେ ନିର୍ବାହୀଯନ୍ତ୍ରୀ ମାନେ ନିଜ ଅଞ୍ଚଳରେ ଥିବା ଗ୍ରାମ ତଥା ବାସିନ୍ଦାଙ୍କ ତଥ୍ୟ, ଜଳ ଉତ୍ସ, ଜଳ ବିଶୋଧାନାଗାର ସମ୍ପର୍କିତ ତଥ୍ୟକୁ ବଦଳାଇ ଦେଉଛନ୍ତି । ସେମାନେ ଜାଣିଶୁଣି ଏପରି କରୁଥିବାରୁ ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହୋଇଚାଲିଛି । ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ହାସଲ କରିବାରେ ବିଭାଗ ବିଫଳ ହେଉଛି । କିନ୍ତୁ ଆଗକୁ ଏପରି ଅବହେଳା କଲେ ସମ୍ପୃକ୍ତ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ଦାୟୀ କରାଯିବା ସହ ତାଙ୍କ ବିରୋଧରେ ସରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସର୍ବୋଚ୍ଚ ଯନ୍ତ୍ରୀ ଚେତାଇ ଦେଇଛନ୍ତି । ଏତେ ସବୁ ସତ୍ତ୍ୱେ କଟକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆର ଡବ୍ଲୁ ଏସ୍ ଏସ୍) ବିଭାଗରେ ଅଧିକାଂଶ୍ୟ ଯନ୍ତ୍ରୀ ଦୀର୍ଘ ବର୍ଷ ରହି ମନମୁଖୀ ଚଳାଇଛନ୍ତି ବୋଲି ଅଭିଯୋଗ ହେଉଛି । ଯାହାଫଳରେ ସାଧାରଣ ଲୋକ ଅଫିସକୁ ବାରମ୍ବାର ଦୌଡି ଦୌଡି ଚପଲ ଛିଡି ଯାଉଛି ପଛେ ବିଭାଗୀୟ କର୍ମଚାରୀ ମାନେ ଗ୍ରାମାଞ୍ଚଳ ଲୋକଙ୍କ କଥା ଶୁଣୁନଥିବା ଅଭିଯୋଗ ହେଉଛି । ଠିକାଦାର ମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ମିଥ୍ୟା କରୁଥିବା ସାଧାରଣର ଲୋକଙ୍କ ପକ୍ଷରୁ ଅଭିଯୋଗ ହେଉଛି । ପୂର୍ବରୁ ଥିବା ନିର୍ବାହୀ ଯନ୍ତ୍ରୀ ବହୁ ମିଥ୍ୟା ବିଲ୍ କରି ଠିକାଦାରମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ଛୁ ମାରିଥିବା କୁହାଯାଉଛି । କଟକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗକୁ ଯଦି ଉଚ୍ଚସ୍ତରୀୟ ତଦନ୍ତ କରାଯାଏ । ବହୁ ଇଂଜିନିୟର ବନ୍ଧା ହେବେ ବୋଲି ବିଭାଗର ଜଣେ କର୍ମଚାରୀ ନିଜ ନାମକୁ ଗୋପନ ରଖି କହିଛନ୍ତି ।

# ଜଗତସିଂହପୁରରେ ୬୨ତମ ଶହୀଦ୍ ଦିବସ ପାଳିତ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସ୍ଥିତ ପୁନଙ୍ଗ ରିଜର୍ଭ ପୋଲିସ ପ୍ୟାରେଡ ପଡିଆ ଠାରେ ୬୨ତମ ଜିଲ୍ଲା ସ୍ତରୀୟ ପୋଲିସ ସହିଦ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଖିଳେଶ୍ୱର ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦେଶର ବିଭିନ୍ନ ଆରକ୍ଷୀ ବିଭାଗରେ ଶହୀଦ୍ ହୋଇଥିବା ଜବାନ୍‌ଙ୍କ ଅମର ଆତ୍ମାପ୍ରତି ଗଭିର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ଶହୀଦ୍ ଜବାନ୍‌ଙ୍କ ପରିବାର ବର୍ଗ ଙ୍କ ପ୍ରତିମଧ ସମବେଦନା ଜଣାଇଛନ୍ତି । ବୀର ଶହୀଦ୍ ମାନଙ୍କ ପାଇଁ ଏହି ପରିପ୍ରେକ୍ଷିରେ ଜିଲ୍ଲା ଆରକ୍ଷୀ ବାହିନୀ ତରଫରୁ ଆନୁଷ୍ଠାନିକ ପ୍ୟାରେଡ୍ ପ୍ରଦର୍ଶନ ସହ ନୀରବ ପ୍ରାର୍ଥନା କରାଯାଇଥିଲା । ସୂଚନା ଯୋଗ୍ୟ ଯେ ଆଜିର ଦିନରେ ଚୀନ୍ ସୈନ୍ୟଙ୍କ ଆକ୍ରମଣରେ ଲଦାଖ୍ ଅଞ୍ଚଳରେ ୧୦ଜଣ ଭାରତୀୟ ସି.ଆର.ପି.ଏଫ୍ ଯବାନ ପ୍ରାଣବଳି ଦେଇଥିଲେ । ସେମାନଙ୍କ ସ୍ମୃତିରେ ସାରା ଭାରତବର୍ଷରେ ପ୍ରତିବର୍ଷ ଅକ୍ଟୋବର ୨୧ତାରିଖ ରେ ପୋଲିସ ଶହୀଦ୍ ସ୍ମୃତି ଦିବସ ପାଳିତ ହୋଇଆସୁଛି । ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ଅଖିଳେଶ୍ୱର ସିଂହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ । ଚଳିତ ବର୍ଷ ବସାରାଦେଶରେ କେନ୍ଦ୍ରିୟ ପୋଲିସ ବଳ ଓ ରାଜ୍ୟ ପୋଲିସର ୩୭୭ଜଣ ଆରକ୍ଷୀ ପ୍ରାଣବଳୀ ଦେଇ ନିଜ ମାତୃଭୂମିକୁ ଗୌରବାନ୍ୱିତ କରିଛନ୍ତି । ସମସ୍ତ କରୋନା ଯୋଦ୍ଧା ଙ୍କୁ ମଧ ଏହି ଅବସରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ଜଗତସିଂହପୁର ଜିଲ୍ଲାର ହାବିଲଦାର ମଳୟ କୁମାର ଦାସ ଶହୀଦ୍ କରୋନା ଯୋଦ୍ଧା ଙ୍କ ପତ୍ନୀଙ୍କୁ ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ୫ହଜାର ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପାରାଦ୍ୱୀପ ର ନିମାଇଁ ଚରଣ ସେଠୀ,ଡିଏସପି ମୁଖ୍ୟାଳୟ ବି.ବାଗ,ଡିଏସପି ଏସ.ଏନ.ପଟ୍ଟନାୟକ,ଡିଏସପି ଡି.ଆଇ.ବି ଆର.କେ. ସାମଲ,ଡିଏସପି ରଶ୍ମୀରଂଜନ ସାହୁ,ଡିଏସପି ସରୋଜିନୀ ସିଂହ,ଏସଡିପିଓ ରମେଶଚନ୍ଦ୍ର ସିଂହ,ଶହୀଦ୍ ସ୍ମାରକ ଠାରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶହୀଦ୍ ଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଦୁର୍ଯ୍ୟୋଧନ ବେହେରା ଓ ସେକେଣ୍ଡ କମାଣ୍ଡ ଅଜୟକୁମାର ଏକ୍କା ପ୍ୟାରେଡ୍ ପରିଚାଳନା କରିଥିଲେ ।

# ଏକାମ୍ର ହାଟରେ କେଉଁଝରର ଜିଲ୍ଲାର ମାଟି କାମ ଦର୍ଶକଙ୍କ ମନ ମୋହୁଛି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସ୍ଥାନୀୟ ୟୁନିଟ୍ ୩ ସ୍ଥିତ ଏକାମ୍ର ହାଟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ହାତକୁ ଆସିବା ପରେ ଏହାର ରୂପରେଖରେ ସଂପୂର୍ଣ୍ଣ ନୂତନତା ପରିଲକ୍ଷିତ ହୋଇଛି । ଦୀପାବଳୀ ଉପଲକ୍ଷେ ଅକ୍ଟୋବର ୧୬ ତାରିଖ ଠାରୁ ଏକାମ୍ର ହାଟରେ ଟେରାକୋଟା ସାମଗ୍ରୀ ଓ ବିଭିନ୍ନ ପ୍ରକାରର ଦୀପର ଏକ ବିଶେଷ ଆୟୋଜନ କରାଯାଇଛି ।

ଟେରାକୋଟା କାରିଗରମାନେ ସେମାନଙ୍କର ନିଖୁଣ କାରୁକାର୍ଯ୍ୟକୁ ମାଟିର ସାମଗ୍ରୀରେ ସୁନ୍ଦର ଭାବେ ପ୍ରଦର୍ଶନ କରିଛନ୍ତି । କେଉଁଝର ଜିଲ୍ଲାରୁ ଆସିଥିବା କାତୀ, ଘୋଡା, ଫୁଲଦାନୀ, ୱାଲ୍, ହ୍ୟାଙ୍ଗିଙ୍ଗ୍, ବିଭିନ୍ନ ରଙ୍ଗୀନ ମୂର୍ତ୍ତୀ, ରଙ୍ଗବେରଙ୍ଗର କଣ୍ଢେଇ ଘର ସଜେଇବା ସାମଗ୍ରୀ, ବିଭିନ୍ନ ପ୍ରକାରର ପ୍ରାଣୀକୁ ଅତି ଆକର୍ଷଣୀୟ ଭାବେ ତିଆରି କରାଯାଉଛି; ଯାହା କି ଦର୍ଶକମାନଙ୍କ ମନ ମୋହୁଛି ।

ସେହିଭଳି ସୋନପୁର ବଲାଙ୍ଗୀର ଓ ବୌଦ ଜିଲ୍ଲାର ଘରକରଣା ସାମଗ୍ରୀ ଯଥା: ହାଣ୍ଡି, ତାୱା, ବିରିୟାନି ହାଣ୍ଡି, କଡେଇ ପ୍ରଭୃତି ମାଟିରେ ଅତି ସୁନ୍ଦର ଭାବେ ଗଢା ଯାଇଛି । ଖୋର୍ଦ୍ଧା ଜିଲ୍ଲାର କାରିଗରମାନେ ବିଭିନ୍ନ ପ୍ରକାରର ଟେରାକୋଟା ସାମଗ୍ରୀ ଘରେ ସଜାଇବା ଜିନିଷ, ମାଟି ତିଆରି ରଙ୍ଗୀନ ସାମଗ୍ରୀ ଅତ୍ୟନ୍ତ ଆକର୍ଷଣୀୟ ଭାବେ ପ୍ରସ୍ତୁତ କରିଛନ୍ତି । ସମ୍ବଲପୁର, ବରଗଡ ଓ ବାଲେଶ୍ୱର ଜିଲ୍ଲାର ଷ୍ଟଲରେ ବିଭିନ୍ନ ଆକାର ପ୍ରକାରର ସୁନ୍ଦର



ଦୀପ ଶୋଭା ପାଉଛି । ପୁରୀ ଜିଲ୍ଲା ଷ୍ଟଲରେ ଟେରାକୋଟା ମୁଖା ଓ ମାଟି ତିଆରି ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ ହେଉଛି । ସମ୍ବଲପୁର ଜିଲ୍ଲାର ଷ୍ଟଲରେ ଦୀପ, ପାଣି ଜଗ୍, ଓ ବଟଲ, ନୟାଗଡ ଜିଲ୍ଲାର ବିଭିନ୍ନ ପ୍ରକାରର କଣ୍ଢେଇ ଓ କୋରାପୁଟ ଜିଲ୍ଲାର ରଙ୍ଗୀନ ଦୀପ, ରାୟଗଡା ଜିଲ୍ଲାର ସୋ-ପିର୍ସ, ଖୋର୍ଦ୍ଧା ଜିଲ୍ଲାର ଡିଜାଇନ୍‌ର ସୋ-ପିସ୍, ଫାଉଣ୍ଟେନ୍, ଟେରାକୋଟାରେ ଟିଭ୍‌ଲାଇଟ୍, ଜଗତସିଂହପୁର ଜିଲ୍ଲାର ମାଟି କଣ୍ଢେଇ, ଲଣ୍ଠନ ଇତ୍ୟାଦି ଶୋଭା ପାଉଛି । ଏହି ଏକାମ୍ର ହାଟର ଖୋଲିବା ସମୟ ପ୍ରତିଦିନ ସକାଳ ୧୦ଟା, କୋଭିଡ୍ ନିୟମ ପାଳନ ପୂର୍ବକ ହାଟ ଖୋଲାଯାଉଛି ।

# କଟକରେ ପରିବହନ ବିଭାଗକୁ ଚାଳକଙ୍କ ବେଖାତିର

**କଟକ(ସଂପର୍କବାର୍ତ୍ତା):-** ବାଇକ୍ ଓ ଯାନବାହନଗୁଡିକରେ ବ୍ୟବହାର କରାଯାଉଥିବା ଫାନ୍ସି ତଥା ଡିଜାଇନ ନମ୍ବର ପ୍ଲେଟ୍ ପୁଲିସର ଚିନ୍ତା ବଢାଇଛି । କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଗାଡି ଚାଳକମାନେ ନିଜ ଗାଡିର ନମ୍ବର ପ୍ଲେଟକୁ ପରିବହନ ବିଭାଗର ଗାଇଡଲାଇନ ଅନୁସାରେ ଲେଖୁନାହାନ୍ତି । ଅନେକ ସମୟରେ ଯାନବାହନଗୁଡିକ ଦୁର୍ଘଟଣା ଘଟାଇ ପଳାଇଯାଉଥିବାରୁ ସେମାନଙ୍କୁ ଚିହ୍ନଟ କରିବାରେ ପୁଲିସ ପକ୍ଷରେ ବି ସହଜ ହେଉନାହିଁ । ଏହି ବେଆଇନ ନମ୍ବର ପ୍ଲେଟଗୁଡିକୁ ଅପସାରଣ କରି ଆଇନ ଅନୁମୋଦିତ ନମ୍ବର୍ ପ୍ଲେଟଗୁଡିକୁ ଅପସାରଣ କରି ଆଇନ ଅନୁମୋଦିତ ନମ୍ବର ପ୍ଲେଟ ଲଗାଇବା ବାଧ୍ୟତାମୂଳକ ରହିଥିଲେ ବି ଏହାକୁ ସହରରେ ପୁଲିସ ଅଧିକାରୀ ଓ ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ଗୁରୁତ୍ୱ ଦିଆ ନ ଯିବା ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି । ହାଲୁକା ଚାରିଚକିଆ ଯାନ ଓ ସମସ୍ତ ଦୁଇଚକିଆ ଯାନ ଲାଗି ଧଳାରଙ୍ଗର ନମ୍ବର ପ୍ଲେଟ ଉପରେ କଳା ଅକ୍ଷର ଓ କର୍ମର୍ସିଆଲ (ବାଣିଜ୍ୟିକ) ଗାଡିଗୁଡିକ ଲାଗି ହଳଦିଆ ରଙ୍ଗର ନମ୍ବର ପ୍ଲେଟ ଉପରେ କଳା ଅକ୍ଷରରେ ଲେଖାଯିବାର ନିୟମ ରହିଛି । ସେହିପରି ପରିବହନ ବିଭାଗର ନିୟମ ଅନୁସାରେ, ଉଭୟ ଆଗ ଓ ପଛପଟରେ ନମ୍ବର ଲେଖାଯିବାକୁ

**ନିକମା ଅଫିସର !**

ରହିଥିବା ନମ୍ବର ପ୍ଲେଟ ଆକାର ନିୟମକୁ ମଦ୍ୟ ବାଧ୍ୟତାମୂଳକ କରାଯାଇଛି । ମୋଟର ସାଇକେଲ ଓ ତିନିଚକିଆ ଅଟୋ ରିକ୍ସା ଲାଗି ୩୫ ମିଲିଟିର ଉଚ୍ଚ ଓ ୭ମିଲିଟିର ମୋଟେଇର ଅକ୍ଷର ଓ ୪୦ମିଲିମିଟର ଉଚ୍ଚ ନମ୍ବର ଓ ୭ମିଲିମିଟର ମୋଟେଇରେ ଲେଖିବାକୁ ନିୟମ ରହିଛି । ଏହାକୁ କେହି ପାଳନ କରୁ ନଥିବା ଜଣାପଡିଛି । ସେହିପରି ଦୁଇଚକିଆ ସ ତିନିଚକିଆ ଯାନ ପାଇଁ ଅନେକ ଉଲ୍ଲଂଘନ କରିଚାଲିଛନ୍ତି । ନମ୍ବର ପ୍ଲେଟରେ ଗାଡିର ରେଜିଷ୍ଟ୍ରେସନ ନମ୍ବର ବ୍ୟତତୀ ଆଉ କିଛି ଲେଖା ଓ ଛବି ରହିବା ମଦ୍ୟ ବେଆଇନ ବୋଲି ଆରଟିଓ ସୁତ୍ରରୁ ଜଣାପଡିଛି ।

କଟକ ସହରରେ ଏଭଳି ମାଳମାଳ ଗାଡିବୁଲୁଛି । ଏଣିକି ଏହି ସବୁ ଗାଡିଗୁଡିକରୁ ଜରିମାନା ଆଦାୟ ହେବ ବୋଲି ଜଣାପଡିଛି । କଟକ ଟ୍ରାଫିକ ପରିଚାଳନା କମିଟି ବୈଠକରେ ଏନେଇ ଅତୀତରେ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ସହରରେ ଏହା ଦିନକୁ ଦିନ ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି । ବିଶେଷକରି ଯାନବାହନଗୁଡିକରେ ଆଗ ନମ୍ବର ପ୍ଲେଟରେ ନମ୍ବର ଲେଖାଯାଉନାହିଁ । ସେହିପରି ପଛ ନମ୍ବର ପ୍ଲେଟକୁ ନାନା ଆକୃତିରେ ବିକୃତି ଭାବେ ରଙ୍ଗ ବେରଙ୍ଗ କରାଯାଉଛି । କଟକ ସହରରେ ଟ୍ରାଫିକ ପୁଲିସ ପକ୍ଷରୁ ହେଲମେଟ ଚେକିଂ ପ୍ରତି ବେଶି ପ୍ରାଧାନ୍ୟ ଦିଆଯାଉଥିଲା ବେଳେ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଖୁବଶୀଘ୍ର ଏନେଇ ଏକ ଅଭିଯାନ ଆରମ୍ଭ ହେବ । ବିଶେଷକରି ଏଭଳି ନମ୍ବର ପ୍ଲେଟ ଲେଖୁଥିବା ବ୍ୟବସାୟ ପ୍ରତିଷ୍ଠାନ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପୁଲିସ ଏନେଇ ସେମାନଙ୍କୁ ସଚେତନହ କରିବ ଓ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୁହାଯାଇଛି।

# ୫୦୦୦ ମହିଳାଙ୍କ ସହ ସମ୍ବନ୍ଧ ରଖିଥିଲେ ଏହି କାମାନ୍ଧ ରାଜା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଜଣେ ବ୍ୟକ୍ତିଙ୍କ ସର୍ବାଧିକ କେତେଜଣ ପ୍ରେମିକା ରହିପାରିବେ । ଜଣେ ବ୍ୟକ୍ତି ସର୍ବାଧିକ କେତେଜଣ ମହିଳାଙ୍କ ସହ ଶାରୀରିକ ସଂପର୍କ ରଖିପାରିବେ । ଆପଣ ଭାବୁଥିବେ ଅତିବେଶିରେ ୨୫, ୫୦ କିମ୍ବା ୧୦୦ । ହେଲେ ଦୁନିଆରେ ଅଲଗା ଅଲଗା ଦେଶର ରାଜା, ମହାରାଜାଙ୍କ ସଂପର୍କିତ ଅନେକ ଇତିହାସ ରହିଛି । ଯାହା ଆଜି ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି । ଏହି ରାଜାମାନଙ୍କର ଏମିତି ଅନେକ ରହସ୍ୟଜନକ କାହାଣୀ ରହିଛି ଯାହା ବିଷୟରେ ଖୁବ୍ କମ୍ ଲୋକ ଜାଣିଥିବେ । ଏମିତି କିଛି ଖରାପ ରାଜା ଅଛନ୍ତି ଯାହାଙ୍କ ଜୀବନୀ ଏବଂ ଇତିହାସକୁ ଦୀର୍ଘ ସମୟ ଧରି ଦୁନିଆଠୁଁ ଦୂରରେ ରଖିବାକୁ ଚେଷ୍ଟା କରାଯାଇଛି । ତଥାପି ସତ୍ୟ ସାମ୍ନାକୁ ଆସିଯାଇଛି । ସଂପ୍ରତି ସ୍ପେନ୍‌ର ଜଣେ ପୂର୍ବତନ ରାଜାଙ୍କ ସଂପର୍କିତ ଖବର ବହୁ ଚର୍ଚ୍ଚାରେ ରହିଛି । ନିକଟରେ ତାଙ୍କ କଳା ଦୁନିଆର ବାସ୍ତବତା ସାମ୍ନାକୁ ଆସିଯାଇଛି । ଯାହା ଜାଣି ଲୋକେ ସ୍ତବ୍ଧ ହୋଇପଡିଛନ୍ତି । ସ୍ପେନ ରୟାଲ ଫ୍ୟାମିଲିର ପୂର୍ବତନ ରାଜା ଜୁଆନ କାର୍ଲୋସ ୧୯୭୫ରେ ରାଜା ପଦ ସମ୍ଭାଳୀଥିଲେ । ଏବେ ଜୁଆନଙ୍କ ସହ ଜଡିତ ଏକ ବିବାଦୀୟ ଖବର ସମସ୍ତଙ୍କୁ ଚକିତ କରିଛି । 'ଦ ଟାଇମ୍‌ସ'ର ରିପୋର୍ଟ ଅନୁଯାୟୀ, ଜୁଆନ୍ ଜଣେ ଯୌନ ପିପାଶୁ ମଣିଷ ଥିଲେ । ସେ ଜଣେ କାମନ୍ଧା ଲୋକ ଥିଲେ । ତାଙ୍କର କାମନା ବାସନା ପୁରା ଦେଶ ପାଇଁ ଚିନ୍ତାର ବିଷୟ ପାଲଟିଯାଇଥିଲା । କାରଣ ତାଙ୍କ କୁ-କର୍ମରେ ପୁରା




ଦେଶ ବଦନାମ ହୋଇଥିଲା । ନିକଟରେ ସ୍ପେନ୍‌ର ପୂର୍ବତନ ପୋଲିସ୍ କମିଶନର ଜୋସ୍ ମାନୁଏଲ୍ ସଂସଦରେ ଏକ ଶୁଣାଣି ବେଳେ ଚକିତ କରିବା ଭଳି ଖୁଲାସା କରିଛନ୍ତି । ସେ କହିଛନ୍ତି ଜୁଆନ୍ ଏତେ ସେକ୍ସ ଏଡିକ୍ଟ ଥିଲେ ଯେ ସେ ୫୦୦୦ ରୁ ଅଧିକ ମହିଳାଙ୍କ ସହ ଯୌନ ସମ୍ବନ୍ଧ ରଖିଥିଲେ । ଏହି ଯୌନ ନିଶା ପୁରା ଦେଶ ପାଇଁ ବଡ ସମସ୍ୟ ପାଲଟି ଯାଇଥିଲା । ଏହି ସମସ୍ୟାରୁ ନିସ୍ତାର ପାଇବା ପାଇଁ ତାଙ୍କ ଶରୀରରେ ଫିମେଲ୍ ହର୍‌ମୋନ୍ ଭର୍ତ୍ତି କରିବାକୁ ପଡିଥିଲା । ଯାହାଦ୍ୱାରା ତାଙ୍କ ଶରୀର ଭିତରେ ପୁରୁଷ ହରମୋନ୍ କରାଯାଇପାରିବ ।

ଡେଲିମେଲ୍‌ର ଏକ ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଛି ଯେ, ଜୁଆନ୍ ପ୍ରିନ୍ସେସ୍ ଡାଏନାଙ୍କୁ ମଧ୍ୟ ପ୍ରେମିକା କରିବା ପାଇଁ ପ୍ରସ୍ତାବ ଦେଇଥିଲେ, କିନ୍ତୁ ଏହି ରିପୋର୍ଟ କେତେ ସତ୍ୟ ତାହା ଦାବି କରାଯାଇନାହିଁ । ସ୍ପେନିସ୍ ଇତିହାସତରେ ଆମାଡିଓ ମାଟ୍ରିନ୍‌ଏଜ୍ ଇଙ୍ଗେଲ୍ସ ଜୁଆନ୍ ଉପରେ ଏକ ପୁସ୍ତକ ରଚନା କରିଛନ୍ତି । ଏହି ପୁସ୍ତକର ନାମ 'ଜୁଆନ୍ କାର୍ଲୋସ୍: ଦ କିଙ୍ଗ୍ ଅଫ୍ ୫୦୦୦ ଲଭର୍ସ' । ଏପରି ସ୍ପେନିଶ୍ ସିଙ୍ଗର, ବେଲ୍‌ଜିୟମ୍ ଗର୍ଭମେସ୍ ଓ ଇଟାଲିଆନ୍ ପ୍ରିନ୍‌ସେସ୍‌ଙ୍କ ସହ ତାଙ୍କ ସମ୍ବନ୍ଧ ଥିବା ଖବର ମଧ୍ୟ ସାମ୍ନାକୁ ଆସିସାରିଛି । ଏହି ପୁସ୍ତକରେ ଦାବି କରାଯାଇଛି ଯେ ଜୁଆନ୍ କେବଳ ୬ ମାସରେ ୬୨ ମହିଳାଙ୍କ ସହ ସଂପର୍କ ରଖିଥିଲେ । ବର୍ତ୍ତମାନ ସେ ଆବୁଧାବିରେ ନିର୍ବାସନରେ ରହୁଛନ୍ତି । ତାଙ୍କ ବିରୁଦ୍ଧରେ ସ୍ପେନ୍‌ର ଆର୍ଥିକ ଅନିୟମିତତାର ଅଭିଯୋଗ ଆସିଥିଲା । ଏହା ପରେ ସେ ଦେଶରୁ ପଳାୟନ କରିଥିଲେ ।

# ଅଳିଆ ଭାବି ଡଷ୍ଟବିନ୍‌ରେ ଫିଙ୍ଗିଦେଲେ ୮ଲକ୍ଷର ସୁନା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସୁନା ବା ଗୋଲ୍ଡ ଏକ ମୂଲ୍ୟବାନ ଧାତୁ । ଏହାକୁ ଲୋକେ ସୁରକ୍ଷିତ ସ୍ଥାନରେ ରଖନ୍ତି । କାରଣ ଏହା ଚୋରୀ ହୋଇଯିବାର ଅଧିକ ଭୟ ରହିଥାଏ । କିନ୍ତୁ ସୁନାକୁ କିଏ ଫୋପାଡି ଦେବାର ଆପଣ ଶୁଣି ନଥିବେ । ଏପରି ଏକ ଘଟଣା ଘଟିଛି ତାମିଲ୍‌ନାଡୁରେ । ଜଣେ ଅଳିଆ ଆବର୍ଜନା କମ୍ପୋଜ୍ କରୁଥିବା ବ୍ୟକ୍ତି ଅଳିଆ ଗଦାରୁ ୧ଶହ ଗ୍ରାମର ସୁନା କଏନ୍ ପାଇଛନ୍ତି । ଯାହାର ବଜାର ମୂଲ୍ୟ ପାଖାପାଖି ୭.୫ଲକ୍ଷରୁ ୮ ଲକ୍ଷ ଟଙ୍କା ହେବ । ଗଣେଶ ରମନ ଜଣେ କ୍ୟୁରିୟର୍‌ରେ କାର୍ଯ୍ୟ କରୁଥିବା କର୍ମଚାରୀ । ସାଧାରଣ ଲୋକ ଭାବେ ଟଙ୍କା




ସଞ୍ଚୟ କରି ସେ ଶହେ ଗ୍ରାମର ଗୋଲ୍ଡ ଲଏନ୍ କିଣିଥିଲେ । ଏହାକୁ ସେ ପିଙ୍କ୍ କଲର୍‌ର ଏକ ପେପର ଗୁଡାଇ ବେଡ୍‌ର ତଳେ ରଖିଦେଇଥିଲେ । ହେଲେ ସେହିଦିନ ପତ୍ନୀ ରୁମ୍ ସଫା କରିଥିଲେ । ଗଣେଶ ଯେତେବେଳେ ବେଡ୍ ତଳେ ଦେଖିଥିଲେ ସେତେବେଳେ କଏନ୍ ନଥିବାର ଦେଖିବାକୁ ପାଇଥିଲେ । ବ୍ୟସ୍ତ ହୋଇ ସେ ପତ୍ନୀକୁ ପଚାରିବାରୁ ସେ ରୁମ୍ ସଫା କରି ଅଳିଆ ସବୁ ଫିଙ୍ଗି ଦେଇଥିବା କହିଥିଲେ । ପରେ ଏ ନେଇ ସେ ଥାନାରେ ଏକ ମାମଲା ଦାଏର କରିଥିଲେ । ସଙ୍ଗେ ସଙ୍ଗେ ପୋଲିସ୍ ଚେକ୍ କରି କେଉଁ ବ୍ୟକ୍ତି ଅଳିଆ ସଫା କରିବାକୁ ଯାଇଥିଲା ତାଙ୍କୁ ଖୋଜି ବାହାର କରିଥିଲା । ହେଲେ ପୋଲିସ୍ ପହଞ୍ଚିବା ପୂର୍ବରୁ ସେ ତାଙ୍କ ମ୍ୟାନେଜରଙ୍କ ସହାୟତାରେ ମୂଲ୍ୟବାନ କଏନ୍‌ଟିକୁ ଗଣେଶଙ୍କୁ ଫେରାଇ ଦେଇଥିଲେ ।

# ବାରମ୍ବାର ଚା ପତି ବ୍ୟବହାର କ୍ୟାନ୍‌ସର୍ ?

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆମେ ସକାଳୁ ଯଦି ଗୋଟିଏ କପ୍ ଗରମ୍ ଚା ପିଇବାକୁ ପାଇଯାଉ ତେବେ ଏହା ଆମର ଗୋଟିଏ ଭଲ ଦିନର ଆରମ୍ଭ ବୋଲି ଭାବୁଥାଉ । କିଛି ଲୋକଙ୍କର ଚା ପିଇବାର ଏପରି ନିଶା ରହିଥାଏ ସେମାନଙ୍କର ଗୋଟିଏ କପ୍ ଚାରେ ମନ ଶାନ୍ତି ହୋଇନଥାଏ । ତେଣୁ ଏପରି ସ୍ଥିତିରେ ଅଧିକାଂଶ ଲୋକ ସେହି ଚା ଗୁଣ୍ଡକୁ ବାରମ୍ବାର ବ୍ୟବହାର କରି ଚା ପ୍ରସ୍ତୁତ କରିଥାଆନ୍ତି । କାରଣ ଏହା ତାଙ୍କୁ ସୁବିଧା ଜନକ ଓ ପଇସା ବଞ୍ଚିଲା ଭଳି ଲାଗିଥାଏ । ଆସନ୍ତୁ ଜାଣିବା କ'ଣ କହିଛନ୍ତି ବିଶେଷଜ୍ଞ । ଗବେଷକମାନଙ୍କ ମତରେ ଯେ କୌଣସି ଅର୍ଗାନିକ ଚା କୁ ଆପଣ ବ୍ୟବହାର କରି ପାରିବେ । ଏହାଦ୍ୱାରା ଅର୍ଗାନିକ ଚାରେ ଥିବା ତତ୍ତ୍ୱ ଅଧିକ ଶରୀର ପାଇଁ ଲାଭ ଦାୟକ ହୋଇଥାଏ ।

କିନ୍ତୁ ଗବେଷକମାନଙ୍କ ମତରେ ଏହା ଅର୍ଗାନିକ୍ ଚା ହୋଇଥିବା ନିହାତି ଆବଶ୍ୟକ । ନକଲି ଚାକୁ ବାରମ୍ବାର ଗରମ କରିବା ଦ୍ୱାରା ଏଥିରେ ଉତ୍ତେଜିତ ଓ ଘାତକ ରସାୟନ ନିର୍ମିତ ହୋଇଥାଏ । ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ । ବାରମ୍ବାର ଚା ଫୁଟାଇବା ଦ୍ୱାରା ପ୍ରଭାବିତ ହୋଇଥାଏ । ନକଲି ଚା ବାରମ୍ବାର ଫୁଟାଇ ପିଇବା ଦ୍ୱାରା କ୍ୟାନ୍‌ସର୍ ଭଳି ସମ୍ଭାବନା ରହିଥାଏ ।

ଏହା ଆମ ଶରୀରକୁ ହାନିକାରକ ତତ୍ତ୍ୱ ଯୋଗାଇ ଥାଏ । ଚା କୁ ବାରମ୍ବାର ଗରମ କରି ପିଇବା ଦ୍ୱାରା ଏସିଡିଟି ସମସ୍ୟା ଦେଖାଦେଇଥାଏ ଓ ଅଲ୍ସର ହେବାର ସମ୍ଭାବନା ରହିଥାଏ । ଏପରି ଚା ପିଇବା ଦ୍ୱାରା ସରୀରର ଅନେକ ପ୍ରକାରର ଭିଟାମିନର ହାନି ହୋଇଥାଏ ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮

**ADVERTISEMENT TARIFF**

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |

Vol.5 Issue-20 October 25 to 31, 2021, Jagatsinghpur Page-8 Rs. 5/- ବର୍ଷ- ୫ ସଂଖ୍ୟା-୨୦ ଅକ୍ଟୋବର ୨୫ ରୁ ୩୧, ୨୦୨୧, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା


# ପିଲାମାନେ ଅପରାଧ କଲେ ମା’-ବାପାଙ୍କୁ ମିଳିବ ଦଣ୍ଡ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଚୀନ ବର୍ତ୍ତମାନ ଏପରି ଏକ ଆଇନ ତିଆରି କରିବା ପାଇଁ ଯୋଜନା କରୁଛି। ତାହା ହେଉଛି ଯେଉଁ ପିଲାମାନେ ଖରାପ ବ୍ୟବହାର ସହିତ ଅପରାଧରେ ସଂଶ୍ଲିଷ୍ଟ ରହିବେ ସେମାନଙ୍କ ମା’-ବାପାଙ୍କୁ ମଧ୍ୟ ସଜା ଦିଆଯିବା ନେଇ ପ୍ରାବଧାନ ରହିବ। ପରିବାର ଶିକ୍ଷା ସମ୍ବର୍ଦ୍ଧନା ଆଇନ୍ ଅନୁସାରେ ବହୁତ ଖରାପ ବ୍ୟବହାର କରୁଥିବା ଅଥବା ଅପରାଧ କରୁଥିବା ପିଲାମାନଙ୍କ ଅଭିଭାବକଙ୍କ ପାଇଁ ପ୍ରସ୍ତୁତ କରାଯାଉଥିବା ଆଇନ ଅଧୀନରେ ସାର୍ବଜନୀକ ରୂପରେ ସେହିଭଳି ମା’-ବାପାଙ୍କୁ ସାବାଡ କରାଯିବ ଏବଂ ସେମାନଙ୍କୁ ପରିବାର ଶିକ୍ଷା କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ପଠାଯିବ।

ଏହି ପ୍ରୋଗ୍ରାମରେ ଅଭିଭାବକଙ୍କୁ ପିଲାମାନଙ୍କ କେଉଁ ଭଳି ଭାବରେ ଯତ୍ନ ନିଆଯାଏ ଏବଂ ସେମାନଙ୍କୁ କିପରି ସଫଳ କରିବା ପାଇଁ ଚେଷ୍ଟା କରାଯିବ ସେ ସମ୍ପର୍କରେ ଶିକ୍ଷା ଦିଆଯିବ। ବିଗିଡି ଯାଇଥିବା ପିଲାମାନଙ୍କୁ



ସୁଧାରିବା ପାଇଁ ଏହି କାର୍ଯ୍ୟକ୍ରମରେ ଶିକ୍ଷା ଦିଆଯିବ। ନ୍ୟାସନାଲ ପିପୁଲ୍ସ କଂଗ୍ରେସ ଆୟୋଗର ପ୍ରବକ୍ତା ଜେଙ୍ଗ ତାଇୱେଙ୍କ କହିବାନୁସାରେ, କୌଣସି ନାବାଳିକ ପିଲା କରୁଥିବା ଖରାପ ବ୍ୟବହାରରେ ଅନେକ କାରଣ ରହିଛି। ହେଲେ ସବୁଠାରୁ ବଡ କାରଣ ହେଉଛି ବ୍ୟବହାରିକ ଶିକ୍ଷାର ଅଭାବ। ଚଳିତ ସପ୍ତାହରେ ସଂସଦର ସ୍ଥାୟୀ ସମିତି ଏ ନେଇ ସମୀକ୍ଷା କରିବେ। ଏହାର ସ୍ୱୀକୃତି ମିଳିବା ପରେ ଡ୍ରାଫ୍ଟ ସଂସଦରେ ବିଚାର ପାଇଁ ବିଲ୍ ଭାବରେ ରଖାଯିବ। ଅଭିଭାବକମାନେ କିପରି ପିଲାମାନଙ୍କୁ ବିଶ୍ରାମ, ଖେଳିବା ଏବଂ ବ୍ୟାୟାମ ପାଇଁ ସମୟ ଦିଅନ୍ତି ତାହା ନିଶ୍ଚିତ କରିବେ।

ସରକାର ଚଳିତ ବର୍ଷ ପିଲାମାନଙ୍କୁ ଖରାପ ଜିନିଷରୁ ଦୂରେଇ ରଖିବା ପାଇଁ ମଧ୍ୟ ଚେଷ୍ଟା କରୁଛି। ଅନ୍‌ଲାଇନ୍ ଗେମିଂକୁ ଅଫିମ ନିଶା ସହିତ ତୁଳନା କରିବା ସହିତ କିପରି ପିଲାମାନେ ଏହାଠାରୁ ଦୂରେଇ ରହିବେ ସେନେଇ ପଦକ୍ଷେପ ଗ୍ରହଣ କରାଯିବ। ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଇଣ୍ଟରନେଟ୍ ଗେମିଂର ସମୟକୁ ସୀମିତ କରିଛନ୍ତି। ପିଲାମାନଙ୍କୁ ଶୁକ୍ରବାର, ଶନିବାର ଏବଂ ରବିବାର ଏକ ଏକ ଘଣ୍ଟା ପାଇଁ ଗେମ୍ ଖେଳିବାକୁ ଅନୁମତି ଦିଆଯିବ।

# କଟକ ପୂର୍ତ୍ତ ବିଭାଗରେ ୩୦ ଲକ୍ଷ ଟଙ୍କାର କାମ, ନାହିଁ ୱାର୍କଅର୍ଡର ଓ ଏଷ୍ଟିମେଟ

**କଟକ(ସଂପର୍କବାର୍ତ୍ତା):-** କଟକ ପୂର୍ତ୍ତବିଭାଗରେ ଏବେ ମନଇଚ୍ଛା ନିର୍ମାଣ କାମ ଚାଲିଛି। ସହରରେ ଜରୁରୀ, ଭିଭିଆଇପିଙ୍କ କାମକୁ ବାହାନା କରି ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ-୧ଙ୍କ ଅଧୀନରେ ପ୍ରତିବର୍ଷ କୋଟି କୋଟି ଟଙ୍କାର କାମ ସ୍ଲିଟ୍-ଅପ୍ (ଭାଗ ଭାଗ କରି କାମ) କରାଯାଉଛି। ଏହା ଉପରେ କାହାର ନିୟନ୍ତ୍ରଣ ମଧ୍ୟ ରହୁନି। କଟକ ବଡ ଡାକ୍ତରଖାନାରେ ଏଭଳି ସ୍ଲିଟ୍-ଅପ୍ କାମ ଅଧିକ କରାଯାଉଥିବା ଜଣାପଡିଛି।

ଏବେ ଡାକ୍ତରଙ୍କ ପାଇଁ ରହିଥିବା ୭ମହଲା କୋଠାରେ ଏକ ଗେଷ୍ଟ୍ ନିର୍ମାଣ ଓ ମରାମତି କାମ ହେଉଛି। ବଡ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଅନୁରୋଦରେ ଏହି ନିର୍ମାଣ କରାଯାଉଥିବା ସୂଚନା ମିଳିଛି। ମାତ୍ର ଏହି ନିର୍ମାଣ ପାଇଁ କୌଣସି ଆର୍ଥିକ ଅନୁମୋଦନ କରାଯାଇ ନାହିଁ। ପୂର୍ତ୍ତ ବିଭାଗ ପକ୍ଷରୁ ଏ ନେଇ କୌଣସି ଏଷ୍ଟିମେଟ୍ ମଧ୍ୟ କରାଯାଇ ନାହିଁ କି ବିଭାଗ ପକ୍ଷରୁ କୌଣସି ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇ ନାହିଁ। ବିନା କାର୍ଯ୍ୟାଦେଶ, ଏଷ୍ଟିମେଟ୍‌ରେ ୩୦ ଲକ୍ଷ ଟଙ୍କାର ନିର୍ମାଣ କାମ ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା, ଜରୁରୀକାଳୀନ ନିର୍ମାଣ ପାଇଁଥିବା ନିୟମର ଉଲ୍ଲଂଘନ ହୋଇଛି। ବିନା ଟେଣ୍ଡର୍‌ରେ କାମ ହେଲେ ପ୍ରତି କାମ ପାଇଁ କାର୍ଯ୍ୟାଦେଶ ଓ ଏଷ୍ଟିମେଣ୍ଟ ଜରୁରୀ ହୋଇଥିବା ବେଳେ ଏଠାରେ ଏହି ନିୟମ ପାଳନ କରାଯାଇ ନାହିଁ। ଗୋଟିଏ ପଟେ ଭୁବନେଶ୍ୱରରେ ବିନା ଟେଣ୍ଡରରେ ଭାଗ ଭାଗ କରି ବା ସ୍ଲିଟ୍-ଅପ୍ କାମ କରାଯାଉଥିବା ଅଭିଯୋଗରେ ପୂର୍ତ୍ତସଚିବ ଜଣେ ନିର୍ବାହୀଯନ୍ତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ବେଳେ କଟକ ପୂର୍ତ୍ତ ବିଭାଗ ଅଧୀନରେ ପ୍ରତିବର୍ଷ ୫ରୁ ୧୦ କୋଟି ଟଙ୍କାର କାମ ସ୍ଲିଟ୍-ଅପ୍‌ରେ କରାଯାଉଛି। ଏ ନେଇ ଅର୍ଥ ବରାଦ ହୋଇ ନଥିଲେ ବି ପୂର୍ତ୍ତବିଭାଗ ଯନ୍ତ୍ରୀ କିଭଳି ଏହି କାମ କରୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି।

ଏ ସଂପର୍କରେ ପୂର୍ତ୍ତବିଭାଗର ବରିଷ୍ଠ ଅଧିକାରୀଙ୍କ ସେ କହିଛନ୍ତି, ଏସ୍‌ସିବି ପ୍ଲାଟିନମ ଜୁବୁଲି ପାଇଁ ଅତିଥିଙ୍କ ରହିବା ଉଦ୍ଦେଶ୍ୟରେ ଘରଗୁଡିକର ମରାମତି କରିବାକୁ କର୍ତ୍ତୃପକ୍ଷ କହିଥିଲେ। ମେଡିକାଲ କର୍ତ୍ତୃପକ୍ଷ ଅନୁରୋଧ କରିବା ପରେ କାମ କରାଯାଉଛି। ତେବେ ଏଥିପାଇଁ କୌଣସି ଟେଣ୍ଡର କିମ୍ବା କାର୍ଯ୍ୟାଦେଶ ହୋଇ ନାହିଁ। ଜରୁରୀ ଆବଶ୍ୟକତା ବେଳେ ଏଭଳି କରାଯାଇଥାଏ ବୋଲି ଶ୍ରୀ ସାମଲ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ବିନା କାର୍ଯ୍ୟାଦେଶ, ଅନୁମୋଦନରେ କିଭଳି ଏ ନିର୍ମାଣ କାମ ହେଉଛି? ଖର୍ଚ୍ଚର କିଭଳି ଆକଳନ କରିବେ ତାକୁ ନେଇ ଅଭିଯୋଗ ହୋଇଛି।

# ଅଞ୍ଜଳି ବିଜେଡିରେ ଥିଲେ ବି ନଥିଲା ଭଳି :ବଦ୍ରି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବିଜେଡିର ପୂର୍ବତନ ବିଧାୟିକା ଅଞ୍ଜଳି ବେହେରା ବିଜେପିରେ ମିଶିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ବିଧାୟକ ବଦ୍ରି ନାରାୟଣ ପାତ୍ର। ଦଳ ଛାଡିଲେ କୌଣସି ଫରକ ପଡିବନି ବୋଲି ବଦ୍ରି କହିଛନ୍ତି। ଆଗକୁ ନିର୍ବାଚନ ଆସୁଛି, ଦଳ ବଦଳ ରାଜନୀତିରେ ଏକ ନିତିଦିନିଆ ଅଭ୍ୟାସ ପାଲଟିଯାଇଛି। ଆଜି ଜଣେ ନେତା ଏ ଦଳରେ ତ ଆସନ୍ତାକାଲି ସେ ଆଉ ଏକ ଦଳରେ। ଦଳ ଡିଆଁ ରାଜନୀତି ଏବେ ରାଜ୍ୟ ରାଜନୀତିରେ ଦେଖିବାକୁ ମିଳୁଛି। ତେବେ ବିଜେଡି ଛାଡି ପୂର୍ବତନ ବିଧାୟିକା ଭାରତୀୟ ଜନତା ପାର୍ଟିରେ ଯୋଗ ଦେବା ବିଜେଡି ପାଇଁ କୌଣସି ଫରକ ପଡିବ ନାହିଁ ବୋଲି କହିଛନ୍ତି ବଦ୍ରି ପାତ୍ର।



ଅଞ୍ଜଳି ବିଜେଡିରେ ଥିଲେ ବି ନଥିଲା ଭଳି ଥିଲେ। ସେ ଅନ୍ୟ ଦଳକୁ ଯିବା କୌଣସି ପ୍ରଭାବ ପଡିବ ନାହିଁ। ବିଜେଡି ରାଜ୍ୟବାସୀଙ୍କ ଆଶୀର୍ବାଦ ଲାଭ କରି ଚାଲିଛି। ଆଗକୁ ମଧ୍ୟ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ। ଯିଏ ଦଳରୁ ଗଲେ ବି ବିଜେଡିର୍ କୌଣସି ପ୍ରକାର ଅସୁବିଧା ହେବ ନାହିଁ ବୋଲି ବଦ୍ରି ନାରାୟଣ ପାତ୍ର କହିଛନ୍ତି।

# ୫ଟି ରାଜ୍ୟରେ ଆମେ ଜିତିବୁ:ବୈଜୟନ୍ତ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୫ଟି ରାଜ୍ୟରେ ହେବାକୁ ଥିବା ନିର୍ବାଚନ ପାଇଁ ବିଜେପି ପୂରା ପ୍ରସ୍ତୁତ ରହିଛି। ପ୍ରଧାନମନ୍ତ୍ରୀ ଯେଉଁ ମାର୍ଗଦର୍ଶନ ଦେଉଛନ୍ତି, ତାହାକୁ କାର୍ଯ୍ୟକାରୀ କରି ନିଶ୍ଚୟ ବିଜୟ ହାସଲ କରିବୁ ବୋଲି କହିଛନ୍ତି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା। ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକ ଅବସରରେ ପ୍ରେସ୍‌ମିଟ୍ କରି ଏହା କହିଛନ୍ତି ବୈଜୟନ୍ତ। କିଛିଦିନ ତଳେ ଦଳ ପକ୍ଷରୁ ନୂଆ କରି ରାଷ୍ଟ୍ରୀୟ ପଦାଧିକାରୀ କମିଟି ଗଠନ ହୋଇଥିଲା। ଏହାପରେ ଆଜି ଥିଲା ପ୍ରଥମ ବୈଠକ। ଏଥିରେ ୫ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ, ଦେଶରେ ଚାଲିଥିବା ଚାଷୀ ଆନ୍ଦୋଳନ ଏବଂ କୋଭିଡ୍ ସ୍ଥିତି ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ବୈଜୟନ୍ତ କହିଥିଲେ ଯେ,



କରୋନା ଟିକାକରଣ ଭାରତ ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି। ଖୁବ୍ ଶିଘ୍ର ୧୦୦ କୋଟି କରଣ ମାଇଲଷ୍ଟୋନ୍ ପୂରଣ ହେବାକୁ ଯାଉଛି। ଅନ୍ୟାନ୍ୟ ଦେଶ ଭାରତର ଟିକାକରଣ ପ୍ରକ୍ରିୟାକୁ ପ୍ରଶଂସା କରୁଛନ୍ତି। ଅତୀତରେ ବିରୋଧୀ ସମାଲୋଚନା କରୁଥିଲେ ମାତ୍ର IMF ପ୍ରଶଂସା କରିଛି ବୋଲି କହିଛନ୍ତି ବୈଜୟନ୍ତ। ଆଗକୁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅର୍ଥନୈତିକ ବିକାଶ ଓ ରପ୍ତାନୀ କ୍ଷେତ୍ରରେ ବଡ ସଫଳତା ମିଳିବାକୁ ଯାଉଛି ବୋଲି ସେ କହିଛନ୍ତି।

# ଅପରାଜିତାଙ୍କୁ କୃତଜ୍ଞତା ଜଣାଇଲେ ମାରୱାଡି ସମାଜ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଭୁବନେଶ୍ୱରରୁ ରାଜସ୍ଥାନ ଜୟପୁରକୁ ସିଧାସଳଖ ବିମାନ ଚଳାଚଳ ପାଇଁ ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି ମାରୱାଡି ସମାଜ। ରାଜଧାନୀରେ ଥିବା ମାରୱାଡି ସମାଜର ସମସ୍ତ ସଂଗଠନର ପ୍ରତିନିଧିମାନେ ସାଂସଦ ଷଡଙ୍ଗୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି କୃତଜ୍ଞତା ଜଣାଇବା ସହ ରାଜସ୍ଥାନୀ



ପଗଡି ପିନ୍ଧାଇ ସମ୍ମାନିତ କରିଥିଲେ।

ଏଥିରେ ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ଭୁବନେଶ୍ୱର ମାରୱାଡି ସୋସାଇଟିର ପୂର୍ବତନ ସଭାପତି ମହେନ୍ଦ୍ର ଗୁପ୍ତା, ବାବା ରାମଦେବ ରନିଚେୱାଲା ଟ୍ରଷ୍ଟର ସଭାପତି ଲକ୍ଷ୍ମଣ ମହିପାଲ, ଲାଲଚାନ୍ଦ ମୋହତା, ଅଳ୍ପସଂଖ୍ୟକ ରାଷ୍ଟ୍ରୀୟ ସଦସ୍ୟ ପ୍ରକାଶ ବେଟାଲା, ଉଦ୍ୟୋଗପତି ସତୀଶ ଗର୍ଗ, ଜୈନ ସମାଜର ଶୁଭକାରଣ ଭୁରା ଏବଂ ନବରତନ ବୋଥ୍ରା, ମହେଶ୍ୱରୀ ସମାଜରୁ ଘନଶ୍ୟାମ ପେଡିୱାଲା ଯୁବାମଞ୍ଚ, କଟକ ସଭାପତି ସଚିନ ଉଦୟପୁରିଆ ଏବଂ ପ୍ରକାଶ ଅଗ୍ରୱାଲ୍, ଅବିନାଶ କେଡିଆ, କିଶୋର ଆଚାର୍ଯ୍ୟ, ବିପ୍ର ଫାଉଣ୍ଡେସନ୍ ତରଫରୁ ଓମ୍ ପ୍ରକାଶ ମିଶ୍ର, ରାଧେଶ୍ୟାମ ଶର୍ମା, ବିଶ୍ୱନାଥ ଶର୍ମା, ମାରୱାଡି ଯୁବା ମଞ୍ଚ ଭୁବନେଶ୍ୱର ଶାଖା ସଭାପତି ମନୀଷ ଖଣ୍ଡେଲୱାଲ, କିଶନ ବାଲୋଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଉମେଶ ଖାଣ୍ଡେଲୱାଲ ଫାଉଣ୍ଡେସନ୍ ଟ୍ରଷ୍ଟର ପ୍ରତିଷ୍ଠାତା ବିଜେପି ଯୁବ ନେତା ଉମେଶ ଖଣ୍ଡେଓ୍ୱାଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ନବୀନଙ୍କ ହାତମୁଠା ଟାଣ କରିବି:ପ୍ରଦୀପ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଦୁଇଦିନ ତଳେ ସୋନିଆଙ୍କୁ ଚିଠି ଲେଖି ନିଜର ଇସ୍ତଫା ପତ୍ର ଦେଇଥିବା ପ୍ରଦୀପ ମାଝୀ ବିଜୁ ଜନତା ଦଳରେ ମିଶିବେ ବୋଲି କହିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସର ପାଦରେ ଚାଲିବା କେବେ ସମ୍ଭବ ନୁହେଁ। ରାଜ୍ୟରେ କଂଗ୍ରେସ



ସରକାରଙ୍କୁ ଫେରିପାରିବ ନାହିଁ। ତେଣୁ ଦକ୍ଷିଣାଞ୍ଚଳ ବିକାଶ ପାଇଁ ମିଶିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି ପ୍ରଦୀପ। ପ୍ରେସ୍‌ମିଟ୍‌ରେ ସେ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିବା ସହିତ ତାଙ୍କର ସମର୍ଥକଙ୍କୁ ନେଇ ଖୁବ୍‌ଶୀଘ୍ର ବିଜେଡିରେ ମିଶିବେ। ରାଜ୍ୟରେ ଦୀର୍ଘଦିନ ଧରି ବିଜେଡି ସ୍ଥିର ସରକାର ଦେବାରେ ସଫଳ ହୋଇଛି ଏବଂ ସେ ବିଜେଡିରେ ମିଶି ନବୀନଙ୍କ ହାତମୁଠାକୁ ଟାଣ କରିବେ ବୋଲି କହିଛନ୍ତି।

## ନିରଞ୍ଜନଙ୍କ ପ୍ରତିକ୍ରିୟା

ପ୍ରଦୀପ ମାଝୀ ଦଳ ଛାଡିବା ପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏ ନେଇ ପ୍ରତିକ୍ରିୟା ରଖିଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ସେ ବିଜେଡିରେ ମିଶିଛନ୍ତି ବୋଲି ନିରଞ୍ଜନ କହିଛନ୍ତି। ପ୍ରଦୀପ ରାଜନୀତିକୁ ବେପାରରେ ପରିଣତ କରିଛନ୍ତି। ତାଙ୍କର ଧୈର୍ଯ୍ୟ ନାହିଁ, ସେ ଅଧର୍ଯ୍ୟ ନେତା। ଅଧର୍ଯ୍ୟ ନେତା କେବେ ଜନସେବା କରିପାରିବେ ନାହିଁ। ସେ ଗଲାପରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ କଂଗ୍ରେସ ଆହୁରି ମଜବୁତ ହେବ ବୋଲି ଗଣମାଧ୍ୟମକୁ କହିଛନ୍ତି। ୩୦



ତାରିଖରେ କୋରାପୁଟ ଗସ୍ତ କରିବେ ନିରଞ୍ଜନ ପଟ୍ଟନାୟକ, ୩୧ ତାରିଖରେ ନବରଙ୍ଗପୁରରେ ହେବ ବିଶାଳ ସମାବେଶ। ସେଥିରେ ଯୋଗଦେବେ ପିସିସି ସଭାପତି। ପ୍ରଭାରୀ ଚେଲ୍ଲାକୁମାର ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ଜଣାପଡିଛି। ତାଙ୍କୁ ମଧ୍ୟ ସମାବେଶରେ ସାମିଲ୍ ହେବାକୁ ଅନୁରୋଧ କରାଯିବ ବୋଲି ନିରଞ୍ଜନ କହିଛନ୍ତି। ଆଜି କୋଟପାଡରେ ସମାବେଶ ହେଉଛି। ଏହା ପରେ ମାଲକାନଗିରିରେ କଂଗ୍ରେସ ସମାବେଶ ହେବ। କଂଗ୍ରେସର ପୁଣି ନୂଆ ଚେହେରା ତିଆରି ହେବ। ପ୍ରଦୀପ ମାଝୀଙ୍କୁ କଂଗ୍ରେସ ଅନେକ ସମ୍ମାନ ଦେଇଛି। ତାଙ୍କୁ ଆୟୁଦ୍ଧ କରି ପ୍ରଦୀପ ରାଜନୀତି କରୁଛନ୍ତି। କଂଗ୍ରେସର ଘର ଅଛି, ଭାଙ୍ଗିନି। ଲୋକେ ଆସିବେ ଯିବେ ବୋଲି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

# ଦକ୍ଷିଣ ଓଡ଼ିଶାରେ କଂଗ୍ରେସ ସଫା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଦକ୍ଷିଣ ଓଡ଼ିଶାରେ ଆଉ ଉଡିବନି କଂଗ୍ରେସ ବାନା। ଆଉ ଦେଖିବାକୁ ମିଳିବନି ତ୍ରିମୁଖୀ ଲଢେଇ। କୋରାପୁଟ, ନବରଙ୍ଗପୁର, ମାଲକାନାଗିରି ଏବଂ ରାୟଗଡାରେ ଗଡ ଭୁଷୁଡିବା ସହିତ ନେତା ଶୂନ୍ୟ ହୋଇଛି କଂଗ୍ରେସ। ବିଜେପି କହିଛି କଂଗ୍ରେସ ନେତା ଦଳ ଛାଡିଲେ ଆମକୁ ଫାଇଦା ମିଳିବ। ସେପଟେ କଂଗ୍ରେସ କହିଛି ନେତା ଯାଇଛନ୍ତି କିନ୍ତୁ ଗଡ ଯାଇନି।

ଶକ୍ତି ପ୍ରଦର୍ଶନ କରିବା ପାଇଁ କଂଗ୍ରେସ ସିରିଜ୍ କାର୍ଯ୍ୟକ୍ରମ ଯୋଜନା କରିଛି। ଦକ୍ଷିଣ ଓଡ଼ିଶାରେ ସଫା ହୋଇଯାଇଛି କଂଗ୍ରେସ ଭୁଷୁଡି ପଡିଛି କଂଗ୍ରେସ ଗଡ। ଆଉ ତ୍ରିମୁଖୀ ଲଢେଇ ଦେଖିବାକୁ ମିଳିବନି। ବିଜେଡି-ବିଜେପି ଭିତରେ ହେବ ଟକ୍କର। ବିଜେଡିର ଦକ୍ଷିଣାଞ୍ଚଳ ଅଭିଯାନ ପାଇଁ କଂଗ୍ରେସ ଗଡ ଏବେ ଫାଙ୍କା। କୋରାପୁଟ, ନବରଙ୍ଗ, ରାୟଗଡା ଏବଂ ମାଲକାନଗିରି ଏହି ୪ ଜିଲ୍ଲାରେ କଂଗ୍ରେସ ତାର ଦବଦବା ରଖିଥିଲା। ବିଶେଷ କରି ଅବିଭକ୍ତ କୋରାପୁଟରେ ବିଜେଡିକୁ କଡା ଟକ୍କର ଦେଉଥିଲା କଂଗ୍ରେସ। ୨୦୧୯ ନିର୍ବାଚନରେ କୋରାପୁଟ ଓ ନବରଙ୍ଗପୁର ବିଜେଡି ସଫଳ ହୋଇଥିଲେ ମଧ୍ୟ କଂଗ୍ରେସ ଭଲ ଫାଇଟ୍ ଦେଇଥିଲା। ଯେଉଥି ପାଇଁ ଏବେ ବିଜେଡି କଂଗ୍ରେସ ନେତାଙ୍କୁ ଦଳରେ ମିଶାଇ ଏହି ଚାରି ଜିଲ୍ଲାରେ ନିଜ ଆଧିପତ୍ୟ ଜାହିର କରିବାକୁ ଲକ୍ଷ୍ୟ ରଖିଛି। ଦକ୍ଷିଣ ଓଡ଼ିଶାରେ କଂଗ୍ରେସ ଗଡ ଦୋହଲିବା ପରେ ଏବେ ବିଜେଡି ଏବଂ ବିଜେପି ଭିତରେ ହେବ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା। କିନ୍ତୁ ବିଜେପିର କହିବା କଥା କଂଗ୍ରେସ ନେତା ବିଜେଡିରେ ସାମିଲ ହେଲେ ବିଜେଡିକୁ କିଛି ଫାଇଦା ହେବନି। କାରଣ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇନାହାଁନ୍ତି। କଂଗ୍ରେସର ଅସନ୍ତୁଷ୍ଟ ଭୋଟ ବିଜେପିକୁ ଯିବ। ରାଜନୀତିରେ ସବୁବେଳେ ଏକରେ ଏକ ମିଶିଲେ ଦୁଇ ହୁଏନି, ବେଳେ ବେଳେ ଶୂନ ହୁଏ। ଏପଟେ କଂଗ୍ରେସ କହିଛି ନେତା ଯାଇଛନ୍ତି କର୍ମୀ ଅଛନ୍ତି। ସେଥିପାଇଁ ଏବେ ଏହି ୪ ଜିଲ୍ଲାରେ ସିରିଜ କାର୍ଯ୍ୟକ୍ରମ କରି ଶକ୍ତି ପ୍ରଦର୍ଶନ କରିବ କଂଗ୍ରେସ। ଆସନ୍ତା ୩୧ ତାରିଖରେ ପିସିସି ସଭାପତି ଏବଂ ପ୍ରଭାରି କୋରାପୁଟ ଗସ୍ତ କରିବେ। ମାଲକାନଗିରିରେ ହେବ ମହାସମାବେଶ।

ଦକ୍ଷିଣକୁ ଛାଡି ରାଜ୍ୟରେ ବାକି ସବୁ ଜିଲ୍ଲାରେ କଂଗ୍ରେସ ପ୍ରଭାବ କମି ଯାଇଛି। ଏବେ କୋରାପୁଟ, ନବରଙ୍ଗପୁର, ରାୟଗଡା ଏବଂ ମାନକାନଗିରିରେ ମଧ୍ୟ କଂଗ୍ରେସ ଆଉ ଆଗଭଳି ଟକ୍କର ଦେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ। ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି।

**All disputes relating to any news item published shall be subject to the Jurisdiction of Jagatsinghpur court/s.**

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty

Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera